ଧରିତ୍ରୀ
DHARITRI
December 15-21, 2024 ₹ 2/-

ଧରିତ୍ରୀ 51 Years

# ଛୁଟିଦିନ



ପ୍ରଚ୍ଛଦ ପ୍ରସଙ୍ଗ

ପୃଷ୍ଠା ୩

## ବିଜୟ ଦିବସର

# ମହାନାୟକ

୧୯୭୧ ମସିହା, ଡିସେମ୍ବର ୧୬ ତାରିଖ । ପାକିସ୍ତାନୀ ସେନାର ଆତ୍ମସମର୍ପଣ ସହ ୧୩ ଦିନ ଯାଏ ଚାଲିଥିବା ଭାରତ-ପାକ୍ ଯୁଦ୍ଧର ଘଟିଥିଲା ଅବସାନ। ପାକିସ୍ତାନ କବଳରୁ ପୂର୍ବ ବେଙ୍ଗଲ ବା ପୂର୍ବ ପାକିସ୍ତାନ ହେଲା ମୁକ୍ତ। ଏହାସହ ବଦଳିଗଲା ପୃଥିବୀର ନକ୍ସା।  ପୃଥିବୀ ମାନଚିତ୍ରରେ ସ୍ଥାନ ପାଇଲା ନୂଆ ଏକ ଦେଶ, ବାଂଲାଦେଶ। ତେବେ ଏସବୁ ସମ୍ଭବ ହୋଇପାରିଥିଲା ଭାରତର କେତେଜଣ ମହାନାୟକଙ୍କ ନେତୃତ୍ୱ ଓ ସାହସ ପାଇଁ । ସେହି ବୀରପୁତ୍ର ମାନଙ୍କର କଥା..



# ଆଲମାରିକୁ ନେଇ ବାସ୍ତୁ ଟିପ୍ସ

ଟଙ୍କାପଇସା ତଥା ସୁନାରୂପା ରଖାଯାଉଥିବା ଆଲମାରୀ କିମ୍ବା ଟ୍ରେଜେରୀକୁ ଯଦି ବାସ୍ତୁଶାସ୍ତ୍ର ଅନୁଯାୟୀ ସଠିକ୍ ସ୍ଥାନରେ ନ ରଖାଯାଏ ; ତା'ହେଲେ ଏହା ବି ଘର ପାଇଁ ଅନେକ ସମସ୍ୟା ଆଣିଥାଏ । ଏଭଳି ସମସ୍ୟାରୁ କିପରି ମୁକ୍ତି ପାଇହେବ ଜାଣନ୍ତୁ ସେ ସମ୍ପର୍କରେ...

* ବାସ୍ତୁଶାସ୍ତ୍ର ଅନୁଯାୟୀ, ଉତ୍ତର ଦିଗ ହେଉଛି ଭଗବାନ କୁବେରଙ୍କର ଆବାସସ୍ଥଳୀ । ତେଣୁ ଏହି ଦିଗରେ ଆଲମାରୀ କିମ୍ବା ଟ୍ରେଜେରୀ ରଖିବା ଶୁଭ ହୋଇଥାଏ ।



* ଆଲମାରୀକୁ କେବେ ବି ଖାଲି ରଖିବା ଠିକ୍ ନୁହେଁ । ସେଥିରେ ସ୍ୱଳ୍ପ ହେଉ ପଛେ କିଛି ଟଙ୍କା ରଖିବା ନିହାତି ଦରକାର । ତା'ସହିତ ଭଗବାନ ଗଣେଶ ଓ ମାତା ଲକ୍ଷ୍ମୀଙ୍କର ଫଟୋ କିମ୍ବା ମୂର୍ତ୍ତୀକୁ ବି ଆଲମାରୀରେ ରଖିବା ଶୁଭ ହୋଇଥାଏ ।

* ରୂପାର ଛୋଟ କଳସ ହେଉ କିମ୍ବା କିଛି ରୂପା କଏନ୍ ଅଥବା କୁବେର ଯନ୍ତ୍ରଟିଏ ଆଲମାରୀରେ ରଖିବା ବି ଶୁଭ ହୋଇଥାଏ ।

* ଆଲମାରୀ ଥାକରେ ନାଲି ହେଉ ଅବା ସୁନେଲି ରଙ୍ଗର କପଡ଼ା ପକାଇବା ଶୁଭ । କାରଣ ଏହି ଦୁଇଟି ରଙ୍ଗ ମାତା ଲକ୍ଷ୍ମୀଙ୍କର ଭାରି ପ୍ରିୟ ।

* ଧ୍ୟାନ ରଖିବେ, ଆଲମାରୀ ଯେଉଁ ଘରେ ଅଛି ସେହି ଘରେ ଯେପରି ଗୋଟିଏ ପ୍ରବେଶ ଦ୍ୱାର ଥିବ, ସେ ପୁଣି ଦୁଇଫାଳ ହୋଇ ଖୋଲୁଥିବ ; ଯଦ୍ୱାରା ଘରେ ଅଯଥା ଖର୍ଚ୍ଚ ବଢ଼ିବନି ।

* ଯେଉଁ ଆଲମାରୀର ଗୋଡ ନଥାଏ, ସେଥିରେ ଟଙ୍କା, ପଇସା ରଖିବା ଠିକ୍ ନୁହେଁ ।

* ଟଙ୍କା, ପଇସା ରଖୁଥିବା ଆଲମାରୀରେ ବଡି ସ୍ପ୍ରେ, ଧୂପକାଠି କିମ୍ବା ଅନ୍ୟ କୌଣସି ସୁଗନ୍ଧିତ ସ୍ପ୍ରେ ରଖିବା ଉଚିତ୍ ନୁହେଁ ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଡିସେମ୍ବର ୧୫-୨୧

### ମେଷ
ଶାରୀରିକ ସୁସ୍ଥତା, ଯାତ୍ରାରେ କ୍ଷତି, ଆଲୋଚନାରେ ବିଫଳତା, ସନ୍ତାନଙ୍କ ବିଶୃଙ୍ଖଳା, ଶୁଭକାର୍ଯ୍ୟର ଯୋଜନା, କର୍ମକ୍ଷେତ୍ରରେ ସମ୍ମାନ ଲାଭ, ନୂତନ ବନ୍ଧୁ ସମ୍ପର୍କ, ସହକର୍ମୀଙ୍କ ସହାନୁଭୂତି, ସମସ୍ୟା ସମାଧାନ, ନିର୍ମାଣରେ ବାଧା ।।

### ବୃଷ
ବୈଷୟିକ ଅଭିବୃଦ୍ଧି, ସ୍ୱାସ୍ଥ୍ୟରେ ଉନ୍ନତି, ପ୍ରଶାସନିକ ଦ୍ୱନ୍ଦ୍ୱ, ଯାନବାହନରେ ତ୍ରୁଟି, ଆନୁଷ୍ଠାନିକ କାର୍ଯ୍ୟରେ ତତ୍ପରତା, କାମଗୁଡ଼ିକ ଅଟକିବ, ମାନସିକ ଶାନ୍ତି ବ୍ୟାହତ, ଲୋକସମ୍ପର୍କ ବୃଦ୍ଧି, ପାରିବାରିକ ବନ୍ଧୁମିଳନ, ଦେବଦର୍ଶନର ସୁଯୋଗ, ନୂତନ ସ୍ଥାନ ପରିଭ୍ରମଣ ।।

### ମିଥୁନ
କାର୍ଯ୍ୟସିଦ୍ଧିରୁ ଆନନ୍ଦ, ବନ୍ଧୁ ସହଯୋଗ ପାଇବେ, ସହକର୍ମୀ ସହ ମନାନ୍ତର, ପଡୋଶୀଙ୍କ ସହଯୋଗ, ଆରୋଗ୍ୟ ଲାଭ, ପାରିବାରିକ ସଦ୍ଭାବ, ଆନୁଷ୍ଠାନିକ ସଫଳତା, ପଦମର୍ଯ୍ୟାଦା ବୃଦ୍ଧି, ସାଧାରଣ କଥାରୁ କଳହ ।।

### କର୍କଟ
ନୂତନ କର୍ମାରମ୍ଭ, ଆନୁସଙ୍ଗିକ ସାହାଯ୍ୟପ୍ରାପ୍ତି, ମିଳାମିଶାରୁ ମିତ୍ରତା, ସମ୍ପର୍କ ଯୋଡି ହୋଇଯିବ, ବନ୍ଧୁ ବିରୋଧି ହେବେ, କର୍ମଧାରାରେ ପରିବର୍ତ୍ତନ, ବ୍ୟବସାୟିକ ଉତ୍କର୍ଷତା, ଧର୍ମକାର୍ଯ୍ୟ କରିବେ ।।

### ସିଂହ
ଆର୍ଥିକ ଦୂରବସ୍ଥା, ପଡୋଶୀଙ୍କ କଟୁକ୍ତି, ଆତ୍ମୀୟଙ୍କ ଅନାଦର, କର୍ମକ୍ଷେତ୍ରରେ ପ୍ରାଧାନ୍ୟତା, ପାରିବାରିକ ଅଶାନ୍ତି, ଅପ୍ରିୟଭାଷଣରୁ କଳହ, ଘର ସାଜସଜ୍ଜା, ବାଣିଜ୍ୟରେ ଉନ୍ନତି, ମାମଲାରେ ଜିତାପଟ ।।

### କନ୍ୟା
ମାନସିକ ଅସ୍ଥିରତା, ପ୍ରତିକୂଳ ପରିବେଶ, ସନ୍ତାନଙ୍କ ଗୌରବ, ଋଣ ପରିଶୋଧ, ବାଣିଜ୍ୟରେ ପ୍ରତିବନ୍ଧକ, ପରିବାରରୁ ପ୍ରତିରୋଧ, ନୂତନ କର୍ମାରମ୍ଭ, ଦୂରସ୍ଥାନକୁ ଯାତ୍ରା, ପରିବହନରେ ସମସ୍ୟା, ସଙ୍ଗୀତ ଚଳଚ୍ଚିତ୍ରରୁ ସୁନାମ, ଧର୍ମକାର୍ଯ୍ୟ କରିବେ, ପରୋପକାର ସୁଯୋଗ ।।

### ତୁଳା
ବନ୍ଧୁଙ୍କ ପ୍ରେରଣା ଲାଭ, କୂଟନୀତିରେ ସଫଳତା, ପାରିବାରିକ ବିବାଦ, ଅର୍ଥସଂକଟରୁ ମନସ୍ତାପ, ଲୋକସମ୍ପର୍କ ବୃଦ୍ଧି, ସାମାଜିକ ସମ୍ମାନ, ଉତ୍ତମ ବୁଝାମଣା, ନୂତନ କର୍ମାରମ୍ଭ, ସହକର୍ମୀଙ୍କ ସାହାଯ୍ୟ, ବିଦେଶଯାତ୍ରାର ସୁଯୋଗ ।।

### ବିଛା
ସାମାଜିକ ସମ୍ମାନ ଲାଭ, ଉଦ୍ୟମରେ ସଫଳତା, କ୍ଳାନ୍ତିବୋଧ କରିବେ, ଆଶା ଫଳବତୀ ହେବ, ଶୁଭକାର୍ଯ୍ୟର ଯୋଜନା, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ପାରିବାରିକ ଶାନ୍ତି, ସନ୍ତାନହେତୁକ ଗୌରବ, ରୋଗପୀଡା କମିବ ।।

### ଧନୁ
କର୍ମକ୍ଷେତ୍ରରେ ବିବାଦ, ଉପରିସ୍ଥଙ୍କ ପରାମର୍ଶ, ରାଜକୀୟ ସମ୍ମାନ, ଟେନସନ କମିଯିବ, ମୂଲ୍ୟବାନ ଦ୍ରବ୍ୟ ଲାଭ, ଶୁଭଖବର ପାଇବେ, ପରିବାରରେ ଭୁଲ୍ ବୁଝାମଣା, ଆର୍ଥିକ ଦୂରବସ୍ଥା, ଭ୍ରାତୃ ସମ୍ପର୍କରେ ଅବନତି, ନୂତନ ଗୃହାରମ୍ଭ, ପ୍ରତିବନ୍ଧକ ଦୂରହେବ ।।

### ମକର
ସ୍ଥଗିତ କାମରେ ଅଗ୍ରଗତି, ପରିସ୍ଥିତିକୁ ସଜାଡି ନେବେ, କଚେରୀ ମାମଲାରେ ବିଳମ୍ବ, କର୍ମ ତତ୍ପରତା ବୃଦ୍ଧି, ବନ୍ଧୁ ସହଯୋଗ ପାଇବେ, ବ୍ୟବସାୟରେ ଲାଭ, ରିସ୍କ ପଦକ୍ଷେପ ନେବେ, ବିବାଦର ଅବସାନ, ବନ୍ଧୁଙ୍କ ଓଲଟା ବୁଝାମଣା, ସତ୍‌ସଙ୍ଗର ସୁଯୋଗ ।।

### କୁମ୍ଭ
ବନ୍ଧୁବତ୍ସଳ ହେବେ, କର୍ମକ୍ଷେତ୍ରରେ ପ୍ରତିଷ୍ଠା, ସହକର୍ମୀଙ୍କ ସହ ମତାନ୍ତର, ସରକାରୀ ସ୍ତରରୁ ଲାଭ, ପଡୋଶୀଙ୍କ ଆଦର ଅଭ୍ୟର୍ଥନା, ବିଦେଶଯାତ୍ରାର ଯୋଜନା, ଫଳପ୍ରଦ ଆଲୋଚନା, ଜମିଜମା ବିବାଦ, ସମ୍ପର୍କହାନୀରୁ କ୍ଷୋଭ, ସାଂସ୍କୃତିକ କାର୍ଯ୍ୟକ୍ରମ, ନୂତନ ଦ୍ରବ୍ୟ ଲାଭ ।।

### ମୀନ
କାର୍ଯ୍ୟଦକ୍ଷତାରୁ ପ୍ରଶଂସା, ଯାତ୍ରାରେ ସଫଳତା, ସଂକଟ ଦୂର ହେବ, ଫାଇଲ୍ କାମ ବୃଦ୍ଧି, ଭ୍ରାତୃ ସମ୍ପର୍କରେ ଉନ୍ନତି, ନିର୍ମାଣରେ ପ୍ରତିବନ୍ଧକ, ପରିବହନରେ ବିବାଦ, ପୁରାଣ ପଠନ, ଧର୍ମକାର୍ଯ୍ୟ କରିବେ, ସଙ୍ଗୀତ ସମାରୋହରେ ଯୋଗଦାନ ।।

# ଗୁଣକାରୀ ତୁଳସୀ

ତୁଳସୀ କେବଳ ପବିତ୍ର ନୁହେଁ ଏହା ଖୁବ୍ ଉପକାରୀ ମଧ୍ୟ । କୁହାଯାଏ, ତୁଳସୀରେ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଭରି ରହିଥିବା ଯୋଗୁ ଶୀତଦିନେ ଏହାକୁ ଖାଇଲେ ଥଣ୍ଡା, କାଶ ଜନିତ ସମସ୍ୟାରୁ ଅନେକାଂଶରେ ମୁକ୍ତି ମିଳିଥାଏ । ଶରୀରରେ ରୋଗପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ମଧ୍ୟ ଏହାର ଭୂମିକା ଯଥେଷ୍ଟ ରହିଥାଏ । ଯଦି ଶରୀରର କୌଣସି ସ୍ଥାନରେ କ୍ଷତ ହୋଇଥାଏ, ତା'ହେଲେ ସେ ସ୍ଥାନରେ ତୁଳସୀ ରସ ଲଗାଇଲେ କ୍ଷତ ଶୀଘ୍ର ଭଲ ହୋଇଯିବାର ବି ସମ୍ଭାବନା ଥାଏ । କାରଣ ତୁଳସୀରେ ଆଣ୍ଟିଭାଇରାଲ୍, ଆଣ୍ଟିଫଙ୍ଗଲ୍ ଏବଂ ଆଣ୍ଟି ବ୍ୟାକ୍ଟେରିଆଲ୍ ଗୁଣ ବି ଭରି ରହିଥାଏ । ପ୍ରତିଦିନ ଏକ ଚାମଚ ଲେଖାଏଁ ତୁଳସୀ ରସ ପିଇଲେ ରକ୍ତ ଶୁଦ୍ଧ ହୋଇ ତ୍ୱଚାରେ ଚମକ୍ ଆସିଥାଏ ବୋଲି ବ୍ୟୁଟିସିଆନ୍‌ମାନେ ମତ ଦେଇଥାନ୍ତି । ଶରୀରର କୌଣସି ସ୍ଥାନକୁ କୀଟପତଙ୍ଗ କାମୁଡିଦେଲେ ସେ ସ୍ଥାନରେ ତୁଳସୀ ରସ ଲଗାଇଲେ ପୋଡାଜଳାରୁ ସାମାନ୍ୟ ଉପଶମ ମିଳିଥାଏ ବୋଲି କୁହାଯାଏ । ତୁଳସୀ ପତ୍ର ଚୋବାଇ ଖାଇଲେ ଶରୀରରେ ରକ୍ତଚାପ ସହିତ କୋଲେଷ୍ଟ୍ରଲ୍ ପରିମାଣ ବି ନିୟନ୍ତ୍ରଣରେ ରହିଥାଏ । ଏହାଛଡ଼ା ନିୟମିତ ତୁଳସୀ ପତ୍ର ଖାଇଲେ ଅଥବା ଏହାର ରସ ପିଇଲେ ଦାନ୍ତ ସମ୍ବନ୍ଧିତ ସମସ୍ୟା କମ୍ ଦେଖାଯିବା ସହ ପାଚନକ୍ରିୟାରେ ଅନେକ ସୁଧାର ଆସିଥାଏ । ତୁଳସୀ ସେବନ ଅବସାଦକୁ କମ୍ କରିବାରେ ବି ବିଶେଷ ଭୂମିକା ଗ୍ରହଣ କରିଥାଏ ।



# ପାଠକୀୟ

* କିଏ ଦିବ୍ୟାଙ୍ଗ ତ କିଏ ମାନସିକ ଅନଗ୍ରସର, ହେଲେ ଶାରୀରିକ ଅକ୍ଷମତା ତାଙ୍କୁ ବାଧା ଦେଇ ପାରିନି କି ତାଙ୍କ ସଫଳତାର ଯାତ୍ରାକୁ ରୋକି ପାରିନି । ଯେଉଁଥିପାଇଁ ଆଜି ସେମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଜଣେ ଜଣେ ସଫଳ କ୍ରୀଡ଼ାବିତ୍ । ତେଣୁ ଏଭଳି ଏକ ନିଆରା ଆଲେଖ୍ୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ତଥାପି ବିଜେତା' ଶୀର୍ଷକ ଆଲେଖ୍ୟଟି ବେଶ୍ ମନଛୁଆଁ ହୋଇଥିଲା । 'ମୟୂର ପ୍ରତିମା କେଉଁଠି ରଖିବା ଶୁଭ', 'ଅଏଲ୍ ଥେରାପି' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା ।

*– ମନସ୍ୱିନୀ ସାହୁ, କେନ୍ଦ୍ରାପଡ଼ା*

* ଏମାନଙ୍କ ମଧ୍ୟରେ କେହି କେହି ଦିବ୍ୟାଙ୍ଗ ତ କେହି ମାନସିକ ଅନଗ୍ରସର । କିନ୍ତୁ ସେମାନଙ୍କର ଲକ୍ଷ୍ୟ ବହୁତ ବଡ଼ । ନିଜ ଲକ୍ଷ୍ୟ ପୂରଣ ପାଇଁ ସେମାନେ ସବୁ ପ୍ରକାରର ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ଆଗକୁ ଅଗ୍ରସର ହୋଇଛନ୍ତି । ଯେଉଁଥିପାଇଁ ଆଜି ସେମାନେ ଜାତୀୟସ୍ତରରେ ଓ ସ୍ପେଶାଲ ଅଲିମ୍ପିକ୍ସ ସମର ଗେମ୍ସର ସଫଳ କ୍ରିଡାବିତ୍ ହୋଇପାରିଛନ୍ତି । ଏମିତି କେତେଜଣ ପ୍ରତିଭାବାନ କ୍ରୀଡାବିତ୍‌ଙ୍କ ସମ୍ପର୍କରେ ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ତଥାପି ବିଜେତା'ରୁ ଜାଣିବାକୁ ମିଳିବାରୁ ଖୁସି ଲାଗିଲା । ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଫ୍ଲୋରାଲ୍ ଜ୍ୟାକେଟ୍' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା ।

*– ସୋନାଲି ପାଇକରାୟ, ଝାରସୁଗୁଡ଼ା*

* ବ୍ୟକ୍ତିତ୍ୱ ପୃଷ୍ଠାରୁ ପ୍ରତିଭାବାନ ତୃତୀୟ ଲିଙ୍ଗୀ ଚିନ୍ମୟୀ ଦାସଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା । ସୃଜନ ପୃଷ୍ଠାରେ ସ୍ଥାନିତ 'ଧନୀ ଲୋକ' ଶୀର୍ଷକ ଗପ ଏବଂ 'ନ ଥିବା ପରେ ବି' ଶୀର୍ଷକ କବିତାଟି ବେଶ୍ ମନଛୁଆଁ ଥିଲା । ସିନେମା ପୃଷ୍ଠାଟି ମଧ୍ୟ ଖୁବ୍ ଆକର୍ଷଣୀୟ ଲାଗୁଥିଲା । ଖାସ୍‌କରି ଏଥିରେ ସ୍ଥାନିତ ସାରା ଅଲ୍ଲୀ ଖାଁଙ୍କ ଫଟୋଟି ବହୁତ ସୁନ୍ଦର ଦେଖାଯାଉଥିଲା ।

*– ରୂପେଶ ସ୍ୱାଇଁ, ଭବାନୀପାଟଣା*

* କବି ଡ.ଶ୍ରୀହରି ଧଳଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ମନଛୁଆଁ ଥିଲା । 'ସମ୍ପର୍କୀୟଙ୍କ ନାଁର ରେଳ ଷ୍ଟେଶନ' ପାଠଟିରୁ ବହୁ ଅଜଣା କଥା ଜାଣିହେଲା । ମଡେଲ୍ ମିରର୍‌ରେ ହୀନାରାଣୀଙ୍କ ଫଟୋଟି ଖୁବ୍ ସୁନ୍ଦର ଦେଖାଯାଉଥିଲା । ସହରଠୁ ଦୂର ପୃଷ୍ଠାରୁ ଅନନ୍ୟ ପର୍ଯ୍ୟଟନସ୍ଥଳୀ କୋଚି ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା ।

*– ଅମରେଶ ପ୍ରଧାନ, ସମ୍ବଲପୁର*

* ବିବିଧା ପୃଷ୍ଠାରୁ 'ଶୀତବସ୍ତ୍ରର କଥା' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା । ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ରିଷ୍ଟ ଖଣ୍ଡନ' ଶୀର୍ଷକ ଆଲେଖ୍ୟଟି ଶୀକ୍ଷଣୀୟ ହୋଇଥିଲା । ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ ସମସ୍ତ ପାଠଗୁଡ଼ିକ ନିଆରା ଲାଗିବା ସହ ଆଶ୍ଚର୍ଯ୍ୟକର ଥିଲା ।

*– ଜ୍ୟୋତିରଞ୍ଜନ ମହାନ୍ତି, ଭଦ୍ରକ*




## ବିଶେଷ ଚିଠି

ତଥାପି ବିଜେତା ଥିଲା
ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ସମାଜକୁ ଦେଉଥିଲା ସିଏ
ନୂଆ ନୂଆ ଶିକ୍ଷଣୀୟ ସମ୍ବାଦ ।
ସାଥୀର ଉତ୍ତର ବି ଲାଗୁଥିଲା
ଭାରୀ ଚମତ୍କାର,
ତା'ସାଙ୍ଗକୁ ମନ କିଣି ନେଉଥିଲା
ତୁମ ପ୍ରଥମ ରୋଜଗାର ।
ସତରେ ହେ ଛୁଟିଦିନ
ତୁମେ ଲାଗ ସବୁଠୁ ଉତ୍ତମ ।

*– ରୀତାଞ୍ଜଳି ଷଡଙ୍ଗୀ, ମୟୁରଭଞ୍ଜ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com




# ବିଜୟ ଦିବସର ମହାନାୟକ

**୧୯୭୧ ମସିହା, ଡିସେମ୍ବର ୧୬ ତାରିଖ । ପାକିସ୍ତାନୀ ସେନାର ଆତ୍ମସମର୍ପଣ ସହ ୧୩ ଦିନ ଯାଏ ଚାଲିଥିବା ଭାରତ-ପାକ୍ ଯୁଦ୍ଧର ଘଟିଥିଲା ଅବସାନ। ପାକିସ୍ତାନ କବଳରୁ ପୂର୍ବ ବେଙ୍ଗଲ ବା ପୂର୍ବ ପାକିସ୍ତାନ ହେଲା ମୁକ୍ତ। ଏହାସହ ବଦଳିଗଲା ପୃଥିବୀର ନକ୍ସା। ପୃଥିବୀ ମାନଚିତ୍ରରେ ସ୍ଥାନ ପାଇଲା ନୂଆ ଏକ ଦେଶ, ବାଂଲାଦେଶ। ତେବେ ଏସବୁ ସମ୍ଭବ ହୋଇପାରିଥିଲା ଭାରତର କେତେଜଣ ମହାନାୟକଙ୍କ ନେତୃତ୍ୱ ଓ ସାହସ ପାଇଁ । ସେହି ବୀରପୁତ୍ର ମାନଙ୍କର କଥା..**

୧୯୪୭ ମସିହାରେ ଭାରତଠାରୁ ଅଲଗା ହେବା ପରେ ପୂର୍ବ ପାକିସ୍ତାନ ଯାହାକୁ କି ବର୍ତ୍ତମାନ ବାଂଲାଦେଶ କୁହାଯାଉଛି ତାହା ପାକିସ୍ତାନ ସୀମାର ଅନ୍ତର୍ଭୁକ୍ତ ହୋଇଯାଇଥିଲା । ଏହାପରେ ପଶ୍ଚିମ ପାକିସ୍ତାନ ବା ଏବେକାର ପାକିସ୍ତାନ ଲଗାତାର ପୂର୍ବ ପାକିସ୍ତାନ ଉପରେ ଅତ୍ୟାଚାର କରିବାକୁ ଲାଗିଲା । ନରସଂହାର, ବଳାତ୍କାର ସହ ମାନବାଧିକାର ଉଲ୍ଲଂଘନର ସବୁ ସୀମା ପାର କରିବାକୁ ଲାଗିଲା । ତା'ସହ ୧୯୪୮ରେ ଉର୍ଦ୍ଦୁକୁ ପାକିସ୍ତାନର ରାଷ୍ଟ୍ରୀୟ ଭାଷାର ମାନ୍ୟତା ଦିଆଗଲା । ଫଳରେ ବାଂଲାଦେଶୀ ଲୋକଙ୍କ କ୍ରୋଧ ବଢ଼ିଲା । ବଙ୍ଗାଳି ଭାଷାକୁ ସମାନ ମର୍ଯ୍ୟାଦା ଦିଆଯାଉ ବୋଲି ବିରୋଧ ପ୍ରଦର୍ଶନ ହେଲା । ଏହାକୁ ଦମନ କରିବା ଲାଗି ଗୁଳି ଚାଳନା ହେଲା । ଅନେକ ନିରୀହ ବାଂଲାଦେଶୀ ମୃତ୍ୟୁବରଣ କଲେ । ଆଉ ଆରମ୍ଭ ହେଲା ଅଲଗା ରାଷ୍ଟ୍ର ଗଢ଼ିବାର ଦାବି । ତା'ସହ ଅତ୍ୟାଚାରରେ ଜର୍ଜରିତ ଅନେକ ବାଂଲାଦେଶୀ ଭାରତରେ ଶରଣ ନେବାକୁ ଲାଗିଲେ । ଭାରତରେ ଶରଣାର୍ଥୀଙ୍କ ସଂଖ୍ୟା ବଢ଼ିଲା । ତେଣୁ ପାକିସ୍ତାନ ଉପରେ କାର୍ଯ୍ୟାନୁଷ୍ଠାନ କରିବାର ଚାପ ବଢ଼ିଲା । ଭାରତ ସାହାଯ୍ୟର ହାତ ବଢ଼ାଇଥିଲା ପଶ୍ଚିମ ପାକିସ୍ତାନରୁ ବାଂଲାଦେଶକୁ ମୁକ୍ତ କରିବା ପାଇଁ। ତା'ସହ ପଶ୍ଚିମ ପାକିସ୍ତାନର ଦମନଲୀଳା ଓ ମାନବାଧିକାର ଉଲ୍ଲଂଘନ ଉପରେ ଦୃଷ୍ଟି ଦେବା ଲାଗି ସଂଯୁକ୍ତ ରାଷ୍ଟ୍ର ସଂଘର ବି ହସ୍ତକ୍ଷେପ ଲୋଡିଥିଲା । ଶାନ୍ତି ସ୍ଥାପନ ପାଇଁ ଭାରତର ଲଗାତାର ପ୍ରୟାସ ଚାଲିଥାଏ । ଏହା ସତ୍ତ୍ୱେ ୧୯୭୧ ଡିସେମ୍ବର ୩ରେ ପାକିସ୍ତାନ ଭାରତର ବାୟୁସେନାର ବିଭିନ୍ନ ଏୟାର ବେସ୍ ଉପରେ ଆକ୍ରମଣ କଲା । ଏହାପରେ ଭାରତକୁ ସିଧାସଳଖ ଯୁଦ୍ଧରେ ସାମିଲ ହେବାକୁ ପଡ଼ିଲା । ଆଉ ଭାରତ-ପାକ୍ ଯୁଦ୍ଧ ଆରମ୍ଭ ହେଲା । ଦେଶର ଅନେକ ସାହସୀ ବୀରପୁତ୍ରଙ୍କ ଲାଗି ଶେଷରେ ଭାରତ ବିଜୟର ଟିକା ପିନ୍ଧିଥିଲା । ଆଉ ୧୩ ଦିନର ଘମାଘୋଟ ଲଢ଼େଇ ପରେ ପାକିସ୍ତାନର ଲ୍ୟୁଟନାଣ୍ଟ ଜେନେରାଲ ଆମିର ଅବଦୁଲା ନିୟାଜୀ ନିଜର ୯୩,୦୦୦ ସୈନ୍ୟ ସହ ଭାରତୀୟ ସେନା ଓ ମୁକ୍ତି ବାହିନୀ ସାମ୍ନାରେ ଆତ୍ମସମର୍ପଣ କଲେ । ବାଂଲାଦେଶ ପାକିସ୍ତାନ କବଳରୁ ମୁକ୍ତ ହେଲା । ତା'ସହ ପୃଥିବୀର ନକ୍ସା ବଦଳିଗଲା । ଆଉ ପୃଥିବୀ ମାନଚିତ୍ରରେ ନୂଆ ଏକ ଦେଶ ବାଂଲାଦେଶର ଉଦୟ ହେଲା । ଭାରତୀୟ ସେନାର ଏହି ଗୌରବମଣ୍ଡିତ ବିଜୟକୁ ସମ୍ମାନ ଜଣାଇ ପରେ **ଡିସେମ୍ବର ୧୬** ତାରିଖକୁ **ବିଜୟ ଦିବସ** ଭାବେ ପାଳନ କରାଗଲା । ଦେଶକୁ ବିଜୟର ଟିକା ପିନ୍ଧାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ସେଇ ମହାନାୟକମାନଙ୍କ ସମ୍ପର୍କରେ...

**ଶ୍ୟାମ ବାହାଦୁର ଧମକ ଦେବାର ତିନିଦିନ ପରେ ଆତ୍ମସମର୍ପଣ କଲା ପାକିସ୍ତାନ:** ତାଙ୍କର ପୂରା ନାମ ହେଉଛି ଶ୍ୟାମ ହରମୁସଜୀ ଫେମ୍‌ଜୀ ଜାମସେଦଜୀ ମାନେକଶ' । ହେଲେ ସେ ବେଶ୍ ପରିଚିତ 'ଶ୍ୟାମ ବାହାଦୁର' ନାମରେ । ସେ ହେଉଛନ୍ତି ଭାରତର ପ୍ରଥମ ଫିଲ୍ଡ ମାର୍ଶଲ । ଆଉ ସେନାର ଏକମାତ୍ର ଅଧିକାରୀ, ଯାହାଙ୍କୁ ଅବସର ପୂର୍ବରୁ ପାଞ୍ଚ ତାରକା ର୍‍ୟାଙ୍କ ପର୍ଯ୍ୟନ୍ତ ପଦୋନ୍ନତି ଦିଆଯାଇଥିଲା । ତାଙ୍କର ଦୁଃସାହସିକ କାର୍ଯ୍ୟ ପାଇଁ ହିଁ ପରିବାର ଲୋକଙ୍କ ସହ ସେନାରେ ତାଙ୍କୁ 'ଶ୍ୟାମ ବାହାଦୁର' ବୋଲି ସମ୍ବୋଧନ କରାଯାଉଥିଲା । ସେ ଜଣେ ଦବଙ୍ଗ ସେନାଧିକାରୀ ଥିଲେ । ଯେକି ସବୁବେଳେ ନିଜ କଥାରେ ଅଡ଼ି ରହୁଥିଲେ । ଏମିତିକି ପ୍ରଧାନମନ୍ତ୍ରୀଙ୍କ ମୁହଁରେ କଥା କହିବାର ସାହସ କେବଳ ତାଙ୍କ ପାଖରେ ହିଁ ଥିଲା । ସେ ତତ୍କାଳୀନ ପ୍ରଧାନ ମନ୍ତ୍ରୀଙ୍କୁ ମ୍ୟାଡାମ୍ କହିବାକୁ ବି ଥରେ ମନା କରି ଦେଇଥିଲେ । ତାଙ୍କ ମତରେ ଏହି ସମ୍ବୋଧନ କେବଳ ଏକ ଖାସ୍ ବର୍ଗ ପାଇଁ ହୋଇଥାଏ । ତେଣୁ ସେ ଇନ୍ଦିରା ଗାନ୍ଧୀଙ୍କୁ କେବଳ ପ୍ରଧାନମନ୍ତ୍ରୀ ହିଁ ସମ୍ବୋଧନ କରୁଥିଲେ । ୧୯୩୪ରେ ସେ ଭାରତୀୟ ସେନାରେ ଭର୍ତ୍ତି ହୋଇଥିଲେ । ୧୯୬୯ରେ ତାଙ୍କୁ ସେନାଧ୍ୟକ୍ଷ କରାଯାଇଥିଲା । ୧୯୭୧ ଭାରତ-ପାକ୍ ଯୁଦ୍ଧ ସମୟରେ ଭାରତୀୟ ସେନାର ସେ ମୁଖ୍ୟ ଥିଲେ । କହିବାକୁ ଗଲେ ସେ ଥିଲେ ଏହି ଯୁଦ୍ଧର ମହାନାୟକ । ପାକିସ୍ତାନ କବଳରୁ ବାଂଲାଦେଶକୁ ମୁକ୍ତ କରି ସ୍ୱତନ୍ତ୍ର ଦେଶ ନିର୍ମାଣ କରିବାରେ ଶ୍ୟାମ ବାହାଦୁରଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । ତେବେ କୁହାଯାଏ ୧୯୭୧ ଏପ୍ରିଲରେ ଯେବେ ତତ୍କାଳୀନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଶ୍ୟାମ ବାହାଦୁରଙ୍କୁ ପଚାରିଥିଲେ ଯେ, ଭାରତୀୟ ସେନା ପଶ୍ଚିମ ପାକିସ୍ତାନ ସହ ଯୁଦ୍ଧ କରିବା ପାଇଁ ପ୍ରସ୍ତୁତ କି ? ଶ୍ୟାମ ବାହାଦୁର ସିଧାସିଧା ଇନ୍ଦିରା ଗାନ୍ଧୀଙ୍କୁ କହିଥିଲେ, ସେନା ଏବେ ଯୁଦ୍ଧ ପାଇଁ ପ୍ରସ୍ତୁତ ନୁହେଁ । ତେବେ ବି ଯଦି ଯୁଦ୍ଧ ହୁଏ, ଭାରତର ପରାଜୟ ସୁନିଶ୍ଚିତ । ଏଭଳି ଉତ୍ତର ଶୁଣି ଇନ୍ଦିରା ଗାନ୍ଧୀ ରାଗିଯାଇଥିଲେ । ତାଙ୍କର ରାଗିବା ଦେଖି ଶ୍ୟାମ ବାହାଦୁର କହିଥିଲେ-'ମ୍ୟାଡମ ପ୍ରାଇମିନିଷ୍ଟର ଆପଣ ମୁହଁ ଖୋଲିବା ପୂର୍ବରୁ ମୁଁ ପଚାରିବାକୁ ଚାହେଁ କି ଆପଣ ମୋ ଇସ୍ତଫା ମାନସିକ, ଶାରୀରିକ ଅବା ସ୍ୱାସ୍ଥ୍ୟଗତ କେଉଁ ଆଧାରରେ ଗ୍ରହଣ କରିବେ ?' ହେଲେ ଇନ୍ଦିରା ଗାନ୍ଧୀ ଇସ୍ତଫାକୁ ଗ୍ରହଣ କରି ନ ଥିଲେ । ଆଉ ତାଙ୍କର ପରାମର୍ଶ ଲୋଡିଥିଲେ ସରକାର କ'ଣ କରିବା ଉଚିତ । ଶ୍ୟାମ ବାହାଦୁର କହିଥିଲେ ଭାରତର ବିଜୟ ସେତେବେଳେ ସୁନିଶ୍ଚିତ ହେବ ଯେବେ ଯୁଦ୍ଧରେ ସେନାକୁ ନିଜ ସର୍ତ୍ତରେ ଲଢ଼ିବାର ସ୍ୱାଧୀନତା ମିଳିବ । ତା'ସହ ଏକ ତାରିଖ ବି ଦେଇଥିଲେ କେବେ ଯୁଦ୍ଧ ଆରମ୍ଭ ହେବ ବୋଲି । ତା'ସହ କିଛି ମାସର ସମୟ ମାଗିଲେ ସେନାକୁ ପ୍ରସ୍ତୁତ କରିବା ପାଇଁ । ଇନ୍ଦିରା ଗାନ୍ଧୀ ଏଥିରେ ରାଜି ହୋଇ ଯାଇଥିଲେ । ଶ୍ୟାମ ବାହାଦୁର ସେହି ମାସରୁ ହିଁ ପୂର୍ବ ପାକିସ୍ତାନ ବିପକ୍ଷରେ କିଛିଟା ଅପରେଶନ ଆରମ୍ଭ କରିଦେଇଥିଲେ । ଯେମିତିକି ର'କୁ ସକ୍ରିୟ କରାଗଲା, ବାଂଲାଦେଶୀ ମୁକ୍ତି ବାହିନୀକୁ ପ୍ରସ୍ତୁତ କରାଗଲା । ଏହାସହ ପ୍ରାୟ ତିନି ବ୍ରିଗେଡ ବାଂଲାଦେଶୀ ଟ୍ରୁପ୍ ସହ ହଜାର ହଜାର ଗରିଲାଙ୍କୁ ତାଲିମ ଦିଆଗଲା । ଏହାପରେ ସେ ଧାର୍ଯ୍ୟ କରିଥିବା ଦିନ ତଥା ୩ ଡିସେମ୍ବରରେ ହିଁ ଆରମ୍ଭ ହୋଇଥିଲା ଯୁଦ୍ଧ । ଶ୍ୟାମ ବାହାଦୁରଙ୍କ ଯୁଦ୍ଧ କୌଶଳ ଆଗରେ ପାକିସ୍ତାନ ତିଷ୍ଠି ପାରୁ ନ ଥିଲା । କୁହାଯାଏ ଶ୍ୟାମ ବାହାଦୁର ୧୩ ଡିସେମ୍ବରରେ ପାକିସ୍ତାନୀ ସେନାକୁ ଧମକ ଦେଇଥିଲେ ଯେ 'ଆତ୍ମସମର୍ପଣ କର, ନଚେତ ତମକୁ ନିଶ୍ଚିହ୍ନ କରିଦେବୁ ।' ଏହି ଚେତାବନୀର ୩ ଦିନ ପରେ ହିଁ ଅର୍ଥାତ୍ ୧୬ ଡିସେମ୍ବରରେ ଏକ ଐତିହାସିକ ଘଟଣା ଘଟିଲା । ପାକିସ୍ତାନର ପ୍ରାୟ ୧ ଲକ୍ଷ ସୈନିକ ଆତ୍ମସମର୍ପଣ କଲେ । ଅର୍ଥାତ୍ ଶ୍ୟାମ ବାହାଦୁରଙ୍କ ଯୁଦ୍ଧ କୌଶଳ ଆଗରେ ପାକିସ୍ତାନ ହାରମାନିଲା ଓ ବାଂଲାଦେଶ ଗଠନ ହେଲା । ତାଙ୍କର ନିଃସ୍ୱାର୍ଥପର ଦେଶ ସେବା ପାଇଁ ୧୯୭୨ରେ ତାଙ୍କୁ ପଦ୍ମ ବିଭୂଷଣ ଓ ୧୯୭୩ ଜାନୁୟାରୀ ୧ରେ ଫିଲ୍ଡ ମାର୍ଷ୍ଟର ପଦରେ ତାଙ୍କୁ ଅଳଙ୍କୃତ କରାଗଲା । ପୂର୍ବରୁ ନାଗାଲାଣ୍ଡ ସମସ୍ୟାର ସମାଧାନରେ ତାଙ୍କର ଭୂମିକା ପାଇଁ ୧୯୬୮ରେ ପଦ୍ମଭୂଷଣ ପ୍ରଦାନ କରାଯାଇଥିଲା । ଶ୍ୟାମ ବାହାଦୁର ୧୯୭୧ ଭାରତ- ପାକ୍ ତଥା ବାଂଲାଦେଶ ମୁକ୍ତି ଯୁଦ୍ଧର ନେତୃତ୍ୱ ନେବା →












ସହ ଦ୍ୱିତୀୟ ବିଶ୍ୱଯୁଦ୍ଧ, ୧୯୪୭ର ଭାରତ-ପାକିସ୍ତାନ ସଂଘର୍ଷ, ୧୯୬୨ ଭାରତ-ଚାଇନା ଯୁଦ୍ଧ ଓ ୧୯୬୫ରେ ଭାରତ-ପାକିସ୍ତାନ ଯୁଦ୍ଧ ଲଢ଼ି ନିଜ ସାହସ ଓ ବୀରତ୍ୱରେ ଭାରତକୁ ଗୌରବାନ୍ୱିତ କରିଥିଲେ। ନିକଟରେ ଭିକ୍କି କୌଶଲଙ୍କ ଦ୍ୱାରା ଅଭିନୀତ ଶ୍ୟାମ ବାହାଦୁର ଚଳଚ୍ଚିତ୍ରରେ ୧୯୭୧ ଯୁଦ୍ଧରେ ଶ୍ୟାମଙ୍କ ଭୂମିକାକୁ ବେଶ୍ ନିଖୁଣ ଭାବେ ଦେଖାଯାଇଛି।

**ସ୍ପାଏ ମାଷ୍ଟର ଆର୍.ଏନ୍. କାଓ ଦେଇଥିଲେ ସଠିକ୍ ତଥ୍ୟ:** ୧୯୭୧ ମସିହା ଭାରତ-ପାକ୍ ଯୁଦ୍ଧରେ ଭାରତୀୟ ଗୋଇନ୍ଦା ବିଭାଗ ର'ର ଥିଲା ପ୍ରମୁଖ ଭୂମିକା। ରାମେଶ୍ୱର ନାଥ କାଓ ଯେକି ଜଣେ ବିଶିଷ୍ଟ ଭାରତୀୟ ଗୋଇନ୍ଦା, ସେ ହିଁ ଭାରତର ଏକ୍ସଟରନାଲ ଇଣ୍ଟେଲିଜେନ୍ସ ଏଜେନ୍ସି 'ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍' ତଥା ର'ର ପ୍ରତିଷ୍ଠାତା ଥିଲେ। ଆଉ ତା'ର ପ୍ରଥମ ମୁଖ୍ୟ ବି ଥିଲେ। ତାଙ୍କର ଲମ୍ବା କ୍ୟାରିୟର ଭିତରେ ସେ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ପର୍ସନାଲ ସିକ୍ୟୁରିଟି ଚିଫ୍ ରହିବା ସହ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ସିକ୍ୟୁରିଟି ଆଡ୍‌ଭାଇଜର୍ ଭାବେ ବି କାମ କରିଥିଲେ। ୧୯୬୮ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ କାଓଙ୍କୁ ନୂଆ ଗଢ଼ାଯାଇଥିବା ର'ର ଦାୟିତ୍ୱ ଦେଇଥିଲେ। ଦାୟିତ୍ୱ ନେବାପରେ ସେ ର'କୁ ଅଧିକ ସୁଦୃଢ଼ କରିବା ଲାଗି ୨୫୦ ଜଣ ଇଣ୍ଟେଲିଜେନ୍ସ ଅପରେଟିଭ୍ସ ଓ ଆନାଲିଷ୍ଟଙ୍କୁ ନେଇ ଏକ ଟିମ୍ ଗଠନ କରିଥିଲେ। ଯାହାର ନାଁ ଦେଇଥିଲେ 'କାଓ ବୟଜ୍'। ପାକିସ୍ତାନ ଯେବେ ତା'ର ଅପରେଶନ୍ 'ସର୍ଚ୍ଚ ଲାଇଟ୍' ଆରମ୍ଭ କଲା, ଭାରତୀୟ ଗୋଇନ୍ଦା ବିଭାଗ ର' ପ୍ରମୁଖ ଭୂମିକା ତୁଲାଇ ବାଂଲାଦେଶ ଗଠନ କରିବାରେ ଯୋଗଦାନ କରିଥିଲା। କାଓଙ୍କ ପ୍ରମୁଖ କୃତିତ୍ୱଗୁଡ଼ିକ ମଧ୍ୟରୁ ଗୋଟିଏ ଥିଲା ପୂର୍ବ ପାକିସ୍ତାନର 'ମୁକ୍ତି ବାହିନୀ' ଯାହାକୁ କି ବାଂଲାଦେଶ ବାହିନୀ ବି କୁହାଯାଉଥିଲା ତାକୁ ର'ର ସମର୍ଥନ ଦେବା। ଯୁଦ୍ଧର ପ୍ରାରମ୍ଭିକ ସ୍ତରରେ ର' ପୂର୍ବ ପାକିସ୍ତାନରେ ପ୍ରବେଶ କରି ଏହି ମୁକ୍ତିବାହିନୀକୁ ହତିଆର ଓ ତାଲିମର ସହାୟତା ଦେଇଥିଲା। ତା'ସହ ସାମୂହିକ ହତ୍ୟା ଓ କ୍ରୁର ବଳାତ୍କାରର ଶିକାର ହେଉଥିବା ବାଂଲାଦେଶୀଙ୍କ ହତାଶା ଓ ନିରାଶାବୋଧର ନିଆଁକୁ ବଢ଼ାଇଥିଲେ। ଏହାବାଦ୍ ର' ସହାୟତାରେ ହିଁ ଜଣାପଡ଼ିଥିଲା ଯେ ପାକିସ୍ତାନ ଯୁଦ୍ଧ ପାଇଁ ପ୍ରସ୍ତୁତି ଚଳାଉଛି ବୋଲି। ଏହାପରେ ସୀମା ନିକଟରେ ର' ଏକ ଗରିଲା ତାଲିମ ଶିବିର ଆରମ୍ଭ କରିବା ସହ ଏକ ବେଆଇନ ଆର୍ମିକୁ ତାଲିମ ଦେବା ଆରମ୍ଭ କରିଥିଲା। ପରେ ଯୁଦ୍ଧ ଆରମ୍ଭ ହେଲା। ସେ ସମୟରେ ଇଣ୍ଟେଲିଜେନ୍ସ ଏତେ ଠିକ୍ ତଥ୍ୟ ଦେଉଥିଲା ଯେ, ଯେଉଁ ରୁମ୍‌ରେ ପୂର୍ବ ପାକିସ୍ତାନ କ୍ୟାବିନେଟର ସେସନ୍ ଚାଲିଥିଲା ଭାରତୀୟ ଆକାଶବାହିନୀ ତା' ଉପରେ ବମ୍ ପକାଇବାରେ ସଫଳ ହୋଇଥିଲା। ନୌବାହିନୀର କମାଣ୍ଡୋମାନେ ଚିତାଗଙ୍ଗ ହାର୍ବରରେ ଥିବା ପାକିସ୍ତାନର ପ୍ରତ୍ୟେକଟି ଜାହାଜକୁ ଉଡ଼ାଇବାରେ ବି ସକ୍ଷମ ହୋଇଥିଲେ। ତାଙ୍କର ସଠିକ ତଥ୍ୟ ଯୋଗୁ ପୂର୍ବ ପାକିସ୍ତାନ ଭାଙ୍ଗିଥିଲା ଓ ବାଂଲାଦେଶର ଜନ୍ମ ହୋଇଥିଲା।

**ବ୍ରିଗେଡିୟର କୁଲଦୀପ ସିଂଙ୍କ ନେତୃତ୍ୱ ଯୋଗୁ ୩୦୦୦ ପାକ୍‌ସେନା ପଛକୁ ହଟିବାକୁ ବାଧ ହେଇଥିଲେ:** ଯେବେ ବି ଭାରତୀୟ ସେନାର ଶୌର୍ଯ୍ୟ କଥା ଆସେ, ତେବେ ଲୌଙ୍ଗେୱାଲା ଯୁଦ୍ଧ ଓ ତା'ର ନାୟକ ବ୍ରିଗେଡିୟର୍ କୁଲଦୀପ ସିଂ ଚାନ୍ଦପୁରୀଙ୍କ କଥା ନିଶ୍ଚୟ ଉଠେ। ୧୯୭୧ରେ ହୋଇଥିବା ଭାରତ ପାକିସ୍ତାନ ଯୁଦ୍ଧର ପ୍ରାରମ୍ଭିକ ସମୟ ତଥା ୪-୭ ଡିସେମ୍ବର ପର୍ଯ୍ୟନ୍ତ ରାଜସ୍ଥାନର ଲୌଙ୍ଗେୱାଲା ପୋଷ୍ଟ ଉପରେ ପାକିସ୍ତାନୀ ସେନା ଆକ୍ରମଣ କରିଥିଲା। ସେହି ଯୁଦ୍ଧର ନେତୃତ୍ୱ ନେଇଥିଲେ ବ୍ରିଗେଡିୟର୍ କୁଲଦୀପ ସିଂ ଚାନ୍ଦପୁରୀ। ଏବେ ବି ବିଶ୍ୱାସ କରିହୁଏନି ଯେ, କିଭଳି ମାତ୍ର ୧୨୦ ଜଣ ଭାରତୀୟ ସେନା ତଥା ଶିଖ୍ ରେଜିମେଣ୍ଟକୁ ନେଇ ଲୌଙ୍ଗେୱାଲା ଚୌକିରେ ଥିବା ବ୍ରିଗେଡିୟର (ସେତେବେଳେ ମେଜର)କୁଲଦୀପ ସିଂ ଚାନ୍ଦପୁରୀ, ୬୦ଟି ଟ୍ୟାଙ୍କ ଓ ୨ କି.ମି ପର୍ଯ୍ୟନ୍ତ ଟାର୍ଗେଟ୍ କରିପାରୁଥିବା ମେଶିନଗନ୍ ସହ ଆକ୍ରମଣ କରିଥିବା ୩୦୦୦ ପାକ୍ ସୈନିକଙ୍କୁ ପଛକୁ ହଟିବାକୁ ବାଧ କରିଥିଲେ। ଏତେ ସଂଖ୍ୟକ ଟ୍ୟାଙ୍କ ସହ ହଜାର ହଜାର ପାକିସ୍ତାନୀ ସୈନ୍ୟ ଘେରି ଯାଇଥିବା ଯୋଗୁ ଅଳ୍ପ ସଂଖ୍ୟକ ଭାରତୀୟ ସେନାଙ୍କ ଉପରେ ବିପଦ ଘନେଇଥିଲା। ବଞ୍ଚିବାର ଆଶଙ୍କା କମ୍ ଥିଲା। ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ଚାନ୍ଦପୁରୀ ନିଜ ସେନାଙ୍କ ମନରେ ସାହସ ଭରିବା ପାଇଁ କହିଥିଲେ- ସ୍ଥିତି ସଙ୍ଗିନ ସତ, ହେଲେ ଯଦି ଯୁଦ୍ଧ ଭୂମିରୁ ଖସି ପଳାଇବା ତେବେ ଭାରତୀୟ ସେନା ଉପରେ କଳଙ୍କ ଲାଗିଯିବ। ତା'ସହ ପୂରା ଶିଖ୍ ସମ୍ପ୍ରଦାୟ ଉପରେ ବି କଳଙ୍କର ଦାଗ ଲାଗିଯିବ। ତାଙ୍କର ଏହି କଥା ସେନାଙ୍କ ମନରେ କର ବା ମରର ଯୋଶ୍ ଭରିଥିଲା। ଆଉ ସେମାନେ ନିଜ ଜୀବନକୁ ବାଜି ଲଗାଇ ଯୁଦ୍ଧ ଲଢ଼ିଥିଲେ। ଏତେ କମ୍ ସଂଖ୍ୟକ ସୈନ୍ୟ ଓ କମ୍ ହାତହତିଆର୍ ଥାଇ ମଧ୍ୟ ଚାନ୍ଦପୁରୀ ଓ ତାଙ୍କ ଟିମ୍ ସାରା ରାତି ଲଢ଼ି ସକାଳ ହେବା ଓ ଭାରତୀୟ ବାୟୁସେନାର ସହାୟତା ପହଞ୍ଚିବା ପର୍ଯ୍ୟନ୍ତ ପାକିସ୍ତାନୀ ସେନାଙ୍କୁ ଅଟକାଇ ରଖିବା ସହ ସେମାନଙ୍କୁ ପଛକୁ ହଟିବା ଲାଗି ବାଧ କରିଦେଇଥିଲେ। ଫଳରେ ଶତ୍ରୁପକ୍ଷ ନିଜର ୧୨ଟି ଟ୍ୟାଙ୍କକୁ ଛାଡି ଚାଲି ଯାଇଥିଲେ। ଚାନ୍ଦପୁରୀଙ୍କ ଏଭଳି ନେତୃତ୍ୱ ପାଇଁ ଭାରତ ସରକାର ତାଙ୍କୁ ମହାବୀର ଚକ୍ରରେ ସମ୍ମାନିତ କରିଥିଲେ। ୧୯୯୭ରେ ବର୍ଡର ଚଳଚ୍ଚିତ୍ରରେ ଚାନ୍ଦପୁରୀଙ୍କର ଏହି ମହାନ୍ ନେତୃତ୍ୱର କାହାଣୀକୁ

→



ଦେଖାଯାଇଥିଲା। ସନି ଦେଓଲ ଏଥିରେ ଚାନ୍ଦପୁରୀଙ୍କ ଭୂମିକାରେ ଅଭିନୟ କରିଥିଲେ।

**ଦେଶ ପାଇଁ ଏକା ଲଢ଼ି ଜୀବନ ଦେଇଥିଲେ ଫ୍ଲାଇଂ ଅଫିସର ନିର୍ମଳଜିତ୍ ସିଂ ଶେଖୋନ:** ଯୁଦ୍ଧର ପ୍ରାରମ୍ଭିକ ସମୟରେ ଭାରତର କିଛି ମୁଖ୍ୟ ସ୍ଥାନରେ ଆକ୍ରମଣର ଆଶଙ୍କା ଥାଏ। ଏୟାର ଫୋର୍ସର ୧୮ ସ୍କ୍ୱାର୍ଡନର ଫ୍ଲାଇଂ ଅଫିସର ନିର୍ମଳଜିତ ସିଂ ଶେଖୋନ ସେତେବେଳେ ଶ୍ରୀନଗର ଏୟାର ବେସ୍‌ରେ ଥାଆନ୍ତି। ତାଙ୍କ ସହ ଥାଆନ୍ତି ଫ୍ଲାଇଟ୍ ଲ୍ୟୁଟନାଣ୍ଟ ବଲଧିର ସିଂ ଘୁମାନ। ଆଉ ସତକୁ ସତ ୧୪ ଡିସେମ୍ବରରେ ପାକିସ୍ତାନୀ ବାୟୁ ସେନା ଶ୍ରୀନଗର ଏୟାର ବେସ୍ ଉପରେ ଛଅ ଛଅଟି ଏଫ୍-୮୬ ଜେଟ୍‌ରେ ପ୍ରବେଶ କଲେ। ସେମାନଙ୍କର ଲକ୍ଷ୍ୟ ଥାଏ ଶ୍ରୀନଗର ଏୟାର ବେସ୍‌କୁ ବମ୍‌ରେ ଉଡ଼ାଇ ଦେବା। ଏପଟେ ଏୟାର ଟ୍ରାଫିକ କଣ୍ଟ୍ରୋଲ ସହ ଶେଖୋନଙ୍କର ଭଲରେ ଯୋଗାଯୋଗ ହୋଇ ପାରୁ ନ ଥାଏ। ତେବେ ବି ଶେଖୋନ ଓ ଘୁମାନ ତାଙ୍କର ଛୋଟ ଯୁଦ୍ଧ ବିମାନକୁ ନେଇ ଆକାଶକୁ ଉଡାଣ ଭରିଲେ। ଦୁଇଜଣିଆ ଏହି ଟିମ୍‌ର ମୁଖ୍ୟ ଥିଲେ ଫ୍ଲାଇଂ ଲ୍ୟୁଟନାଣ୍ଟ ଘୁମନ୍। ଚାରିଆଡୁ ବମ୍ ପଡୁଥାଏ। ଗୁଳି ଚାଳନା ହେଉଥାଏ। ଏମିତି ସ୍ଥିତିରେ ଘଟିଲା ଏକ ଅଘଟଣ। ଲ୍ୟୁଟନାଣ୍ଟ ଘୁମନ୍ ଟେକ୍‌ଅଫ୍ ନେବାର କିଛି ସମୟ ପରେ ହିଁ ସେ ଭିଜୁଆଲ୍ସ ହରାଇଲେ। ତେଣୁ ଏକା ଏକା ଶେଖୋନ୍‌ଙ୍କୁ ପାକିସ୍ତାନର ୬ ଯୁଦ୍ଧ ବିମାନ ସହ ଲଢ଼ିବାକୁ ପଡ଼ିଲା। ସାହସର ସହ ଓ କୌଶଳ ବ୍ୟବହାର କରି ଲଢ଼ି ସେ ପାକିସ୍ତାନର ଦୁଇଟି ଯୁଦ୍ଧ ବିମାନକୁ ନଷ୍ଟ କରିବାରେ ସଫଳ ହେଲେ। ଏହି ସମୟରେ ପାକିସ୍ତାନର ଅନ୍ୟ ଚାରୋଟି ଯୁଦ୍ଧ ବିମାନ ଚାଲିଆସିଲେ ନିଜ ସାଥୀଙ୍କୁ ସାହାଯ୍ୟ କରିବା ପାଇଁ। ଆଉ ଶେଖୋନ୍‌ଙ୍କୁ ଚାରି ଶତ୍ରୁ ବିମାନ ଘେରିଗଲେ। ତେବେ ବି ସେ ସେମାନଙ୍କ ସହ ଏକା ଲଢ଼ିବା ଜାରି ରଖିଲେ। ଶେଖୋନଙ୍କ ଜେଟ୍‌କୁ ପାକ୍ ଜେଟ୍ ବାରମ୍ବାର ଟାର୍ଗେଟ୍ କରୁଥାନ୍ତି। ତଥାପି ତାଙ୍କ ଲକ୍ଷ୍ୟ ଭେଦ ହୋଇପାରୁ ନ ଥାଏ। ଶେଖୋନ ବେଶ୍ କୌଶଳର ସହ ଜେଟ୍ ଉଡ଼ାଉଥାନ୍ତି। ହେଲେ ଥରେ ପାକ୍ ଜେଟ୍ ଶେଖୋନଙ୍କ ଜେଟ୍‌କୁ ଟାର୍ଗେଟ୍ କରିବାରେ ସଫଳ ହେଲା। ଏପଟେ ଏୟାର ଟ୍ରାଫିକ କଣ୍ଟ୍ରୋଲ ସମ୍ଭାଳୁଥିବା ସ୍କ୍ୱାର୍ଡନ ଲିଡର ବୀରେନ୍ଦ୍ର ସିଂ ପଠାନିୟା ତାଙ୍କୁ ବେସ୍‌କୁ ଫେରି ଆସିବାକୁ ନିର୍ଦ୍ଦେଶ ଦେଲେ। ହେଲେ ଶେଖୋନ ତାହା ନ ଶୁଣି ଶତ୍ରୁ ସହ ଲଢ଼ିବା ଜାରି ରଖିଲେ। ଶେଷରେ ତାଙ୍କ ଜେଟ୍ ଦୁର୍ଘଟଣାଗ୍ରସ୍ତ ହୋଇଗଲା। ଏହା ଦେଖି ପାକିସ୍ତାନୀ ବିମାନ ଫେରିଗଲା। ଶେଖୋନ ବିମାନରୁ ବାହାରିବାକୁ ଚେଷ୍ଟା କରିଥିଲେ। ହେଲେ ସଫଳ ହୋଇ ନ ଥିଲେ। ବିମାନର ଅବଶେଷ ତ ମିଳିଲା, ହେଲେ ଶେଖୋନଙ୍କ ଶରୀର ନୁହେଁ। ମାତ୍ର ୨୬ ବର୍ଷ ବୟସରେ ସେ ଦେଶ ପାଇଁ ଲଢ଼ି ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଶତ୍ରୁ ସହ ଅଦମ୍ୟ ସାହସ ଓ ବିଚକ୍ଷଣ ଉଡାଣ କୌଶଳରେ ଲଢ଼ି ଜୀବନ ଦେଇଥିଲେ। ସେଦିନ ପାକିସ୍ତାନୀ ଏୟାରଫୋର୍ସ ବି ତାଙ୍କର ଏଭଳି ଯାଦୁକରୀ ଦେଖି ଚକିତ ହୋଇଯାଇଥିଲେ।



ଫିଲ୍ଡ ମାର୍ଶଲ ଶ୍ୟାମ ବାହାଦୁର


ମେଜର ଜେନେରାଲ ଇଆନ କାରଦୋଜୋ


ବ୍ରିଗେଡିୟର କୁଲଦୀପ ସିଂ ଚାନ୍ଦପୁରୀ


ଫ୍ଲାଇଂ ଅଫିସର ନିର୍ମଳଜିତ ସିଂ ଶେଖୋନ


ରାମେଶ୍ୱର ନାଥ କାଓ



**ନିଜ ଗୋଡକୁ ନିଜେ କାଟିଥିଲେ ମେଜର ଜେନେରାଲ ଇଆନ କାରଦୋଜୋ:** ୧୯୭୧ ମସିହା ଭାରତ-ପାକ୍ ଯୁଦ୍ଧ ଚାଲିଥିବାବେଳେ ଇଆନ କାରଦୋଜୋ ୱେଲିଂଟନ୍‌ର ଡିଫେନ୍ସ ସର୍ଭିସେସ୍ ଷ୍ଟାଫ୍ କଲେଜରେ ଏକ ପାଠ୍ୟକ୍ରମରେ ଅଧ୍ୟୟନ କରୁଥାନ୍ତି। ଆଉ ତାଙ୍କ ବାଟାଲିୟନ ୪/୫ ଗୋର୍ଖା ରାଇଫଲ୍ସ ପୂର୍ବ ପାକିସ୍ତାନ ସୀମାରେ ଯୁଦ୍ଧରେ ସାମିଲ ହୋଇଥାନ୍ତି। ଯୁଦ୍ଧ ଚାଲିଥିବାବେଳେ ବାଟାଲିୟନ୍‌ର ସେକେଣ୍ଡ ଇନ୍ କମାଣ୍ଡ ଶହୀଦ ହୋଇଗଲେ। ତେଣୁ ଇଆନ କାରଦୋଜୋଙ୍କୁ ତାଙ୍କ ସ୍ଥାନ ନେବାକୁ ନିର୍ଦ୍ଦେଶ ଦିଆଗଲା। ଆଉ ସେ ଠିକ୍ ସମୟରେ ଯାଇ ନିଜ ବାଟାଲିୟନରେ ଯୋଗ ଦେଲେ। ୭୫୦ ଜଣିଆ ଏକ ଛୋଟିଆ ବାଟାଲିୟନ ଥିଲା କାରଦୋଜୋଙ୍କର। ତା'ସହ ସେମାନଙ୍କର ଆର୍ଟିଲେରୀ ଓ ଖାଦ୍ୟର ଅଭାବ ବି ଥିଲା। ତେବେ ବି ସେମାନେ ବାଂଲାଦେଶର ସିଲହଟ୍‌କୁ ନିଜ କବ୍‌ଜାକୁ ଆଣିପାରିଥିଲେ। ପାକିସ୍ତାନର ଦୁଇଜଣ ଆର୍ମି ବ୍ରିଗେଡ଼ସ୍, ଜଣେ କଲୋନେଲ, ୧୦୭ ଅଫିସର ସହ ୭୦୦୦ ଜଣିଆ ଟ୍ରୁପ୍ ଆତ୍ମସମର୍ପଣ କଲେ। ଯାହାକି ଏକ ବଡ଼ ସଫଳତା ଥିଲା। ଏହାବାଦ୍ ବାଂଲାଦେଶର ବନ୍ଦୀଙ୍କୁ ବିଏସ୍ଏଫ୍ ସହାୟତାରେ ପାକିସ୍ତାନରୁ ମୁକ୍ତ କରିବାର ଦାୟିତ୍ୱ ବି ତାଙ୍କୁ ଦିଆଯାଇଥିଲା। ଏହି ମିଶନ୍‌ରେ ବି ସେ ସଫଳ ହୋଇଥିଲେ। ଏହାପରେ ଆହତ ବାଂଲାଦେଶୀଙ୍କୁ ଆର୍ମି କ୍ୟାମ୍ପକୁ ନେବା ଟାସ୍କ ବି ସେ ନେଇଥିଲେ। ହେଲେ ସେ ଜାଣି ନ ଥିଲେ ରାସ୍ତାରେ ଲ୍ୟାଣ୍ଡ ମାଇନ୍ ଖଞ୍ଜା ଯାଇଥିଲା। ଆଉ ତାଙ୍କ ପାଦ ଏକ ଲ୍ୟାଣ୍ଡ ମାଇନ୍ ଉପରେ ପଡିଯାଇଥିଲା। ଖୁବ୍ ଜୋରରେ ବ୍ଲାଷ୍ଟ ହେଲା ଓ ସେ ଗୁରୁତର ଆହତ ହେଲେ। ରକ୍ତାକ୍ତ ହୋଇ ସେ ପଡିଥାନ୍ତି। ଜଣେ ବାଂଲାଦେଶୀ ବନ୍ଦୀ ଏହା ଦେଖି ତାଙ୍କୁ ଆର୍ମି ସେନାଙ୍କ ପାଖକୁ ନେଇଗଲେ। ଆଉ ଆର୍ମି ସେନା ତାଙ୍କୁ ଆର୍ମି କ୍ୟାମ୍ପକୁ ନେଇଗଲେ। ହେଲେ କ୍ୟାମ୍ପରେ କେହି ଡାକ୍ତର ନ ଥିଲେ। ଚେତା ଫେରିବା ପରେ ସେ ଯନ୍ତ୍ରଣାରେ ଚିତ୍କାର କରିବାକୁ ଲାଗିଲେ। ସେ ସେନାଙ୍କୁ ମର୍ଫିନ ମାଗିଲେ। ହେଲେ ତାହା ମହଜୁଦ ନ ଥିଲା। ସେ ଆଉ ଏକ ଔଷଧ ବି ମାଗିଲେ, ହେଲେ ତାହା ବି ନ ଥିଲା। ତେଣୁ ସେ ସେନାଙ୍କୁ କହିଲେ ତାଙ୍କ ଖୁକରୀ ନେଇ ତାଙ୍କ ଗୋଡ କାଟି ଦେବାକୁ। କିନ୍ତୁ କେହି ରାଜି ହୋଇ ନ ଥିଲେ। ଶେଷରେ ସେ ନିଜ ଗୋଡ ନିଜେ କାଟିଲେ। ଏହାପରେ ତାଙ୍କ ୟୁନିଟ୍ ମେଜର୍ ମହମ୍ମଦ ବସୀର ନାମକ ପାକିସ୍ତାନୀ ସର୍ଜନଙ୍କୁ ଧରି ଆଣିଲେ। ସେ କାରଦୋଜଙ୍କର ଅସ୍ତ୍ରୋପଚାର କଲେ। ପରେ କାରଦୋଜଙ୍କର କାଠର ଗୋଡ ଲଗାଯାଇଥିଲା। ସାଧାରଣତଃ ଶାରୀରିକଭାବେ ଫିଟ୍ ନ ଥିଲେ ସେନାରେ କାମ କରିବାର ସୁଯୋଗ ମିଳି ନ ଥାଏ। ହେଲେ କାରଦୋଜ ନିଜକୁ ଫିଟ୍ ରଖିବା ପାଇଁ ଅନେକ ପରିଶ୍ରମ କଲେ। ଶେଷରେ ସେ ଫିଜିକାଲ ଫିଟନେସ୍‌ରେ ଅନେକ ଅଫିସରଙ୍କୁ ବି ପଛରେ ପକାଇବାରେ ସଫଳ ହୋଇଥିଲେ। ଏହାପରେ ସେ ଜେନେରାଲ ତାପିଶ୍ୱର ନାରେନ ରାଇନାଙ୍କ ସହ ଲଦାଖ ଯାଇଥିଲେ। ଯେହେତୁ ସେ ବରଫାବୃତ ପାହାଡିଆ ଅଞ୍ଚଳରେ କାଠଗୋଡରେ ଚାଲିବାରେ ସକ୍ଷମ ଥିଲେ, ଜେନେରାଲ ରାଇନା ତାଙ୍କୁ ଏକ ବାଟାଲିୟନ କମାଣ୍ଡ କରିବାକୁ ଦେଲେ। ପରେ ୧୯୮୪ ମସିହା ୧ ମାର୍ଚ୍ଚରେ ସେ ବ୍ରିଗେଡିୟର ପଦକୁ ଉନ୍ନୀତ ହୋଇଥିଲେ।

ଭାରତ ମାତାର ଏମିତି ଅନେକ ବୀରପୁତ୍ରଙ୍କ ସାହାସ, ଶୌର୍ଯ୍ୟ ଓ ରଣନୀତି ଯୋଗୁ ଶତ୍ରୁପକ୍ଷ ବାରମ୍ବାର ପରାଜୟର ସ୍ୱାଦ ଚାଖିବାକୁ ବାଧ୍ୟ ହୋଇଛି । ଆଉ ଭାରତ ମାତା ପିନ୍ଧିଛି ବିଜୟର ଟୀକା।

-ଶିବାନୀ ମହାନ୍ତି




# ବଞ୍ଚିଥିବା ଯାଏଁ କରୁଥିବି ସାହିତ୍ୟ ସାଧନା






ଡ଼ିସେମ୍ବର ମାସର ପ୍ରଥମ ରବିବାର। ଅପରାହ୍ନ ସମୟ। ସାତପଡ଼ା-ପୁରୀ ରାସ୍ତାରେ କିଛିଦୂର ଯିବାପରେ ବାଟରେ ପଡ଼େ ମତ୍ସ୍ୟଜୀବି ଏମ.ଇ ସ୍କୁଲ ଛକ। ଏଠାରୁ ଆଲୁପାଟଣା ଗାଁ ପ୍ରାୟ ୨କି.ମି ଦୂର। ଗାଁ ଭିତରକୁ ଯିବାବେଳକୁ ବେଳ ରତରତ। ଗୋପିନାଥପୁର ପାଟଣାରେ ପହଞ୍ଚିବା ବେଳକୁ ହାଲକା ହାଲକା ଶୀତୁଆ ପବନ ଦେହରେ ବାଜୁଥାଏ। ଦେଖାହେଲେ ଜଣେ ବୟସ୍କ ବ୍ୟକ୍ତି। ବୟସ ପାଖାପାଖି ୭୮ ହେବ। ବାରଣ୍ଡାରେ ମସିଣା ପକାଇ ବସି କିଛି ଲେଖିବାରେ ମନୋନିବେଶ କରିଥାନ୍ତି। ପାଖରେ ଥାଏ ଗୋଟେ ଝୁଲାମୁଣି। ପରିଚୟରୁ ଜାଣିଲୁ ଇଏ ଏମିତି ଜଣେ ମଣିଷ, ଯିଏ ଦୀର୍ଘ ୬ ଦଶନ୍ଧି ଧରି ତାଙ୍କର କଲମ ଚାଳନାରେ ସୃଷ୍ଟି କରିଛନ୍ତି ଏକାଧିକ କାବ୍ୟ କବିତା। ଜୀବନବ୍ୟାପୀ ସାହିତ୍ୟ ସାଧନା ପାଇଁ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ସମେତ ବିଭିନ୍ନ ଅନୁଷ୍ଠାନରୁ ମିଳିଛି ବହୁ ସମ୍ମାନ ଓ ପୁରସ୍କାର। ଇଏ ହେଲେ **ଲକ୍ଷ୍ମୀଧର ଜେନା**। ଜନ୍ମ ୨୧୨୧୯୪୭ମସିହାରେ। ପିତା ବିନାୟକ ଜେନା,ମାତା ବ୍ରାହ୍ମଣୀ ଦେଈ। ଘର ପୁରୀ ଜିଲାର କୃଷ୍ଣପ୍ରସାଦ ବ୍ଲକ୍ ଅଧୀନ ଆଲୁପାଟଣା-ଗୋପୀନାଥପୁରରେ। ଲେଖାଲେଖି ପ୍ରତି ତାଙ୍କର ପିଲାଟି ଦିନରୁ ହିଁ ଆଗ୍ରହ। ସେ କୁହନ୍ତି, ‘‘ଗାଁ ଚାଟଶାଳୀରେ ପଢ଼ିବା ପରେ ସାତପଡ଼ା ଉ.ପ୍ରା.ବିଦ୍ୟାଳୟରେ ପଢ଼ିଲି। ଆଉ ସେହି ସ୍କୁଲ୍‌ରେ ସାର୍‌ଙ୍କ ସାହିତ୍ୟ ପଢା ସମୟରେ ମୋ ଭିତରେ ଲେଖିବାର ଭାବନା ଆସିଥିଲା। ମୋତେ ଭଲ ଲାଗୁଥିଲା ବିଭିନ୍ନ କବି, ଲେଖକଙ୍କର ସାହିତ୍ୟକୃତି ପଢ଼ିବାକୁ। ଏଥିରୁ ମୋତେ ପ୍ରେରଣା ମିଳୁଥିଲା। ଆଉ ଯାହା ମନକୁ ଆସୁଥିଲା ମୁଁ କବିତା ଆକାରରେ ଲେଖି ପକାଉଥିଲି। ଏହା ଆରମ୍ଭ ହୋଇଥିଲା ୫ମଶ୍ରେଣୀରୁ। ଆଗକୁ ବି ଆଉ ବେଶି ପାଠ ପଢ଼ିପାରି ନ ଥିଲି। ଘରର ଆର୍ଥିକ ପରିସ୍ଥିତି ଭଲ ନ ଥିବାରୁ ଚିଲିକାରେ ମାଛ ଧରିବାକୁ ଯାଉଥିଲି। ବାପାଙ୍କ ସହ ମାଛ ଧରିବା ଭିତରେ ମୋତେ ସବୁଠୁ ଯାହା ଭଲ ଲାଗୁଥିଲା ତାହା ଥିଲା ଚିଲିକାର ଦୃଶ୍ୟରାଜି। ଘରକୁ ଫେରି ସେସବୁକୁ କାଗଜରେ ଲେଖି ବସୁଥିଲି। ଆଉ ମୁଁ ଲେଖିଥିବା କାବ୍ୟ କବିତାଗୁଡ଼ିକୁ ନେଇ ସାହିତ୍ୟ ଅନୁରାଗୀଙ୍କ ସହ ଆଲୋଚନା ବି କରୁଥିଲି। ଏଥିରେ ସେମାନେ ମୋତେ ଉତ୍ସାହିତ କରୁଥିଲେ। ଧୀରେ ଧୀରେ ଏକାଧିକ ଭଜନ, ଚଉତିଶା ଓ ଗୀତ ଲେଖାଗୁଡ଼ିକୁ ସାଇତି ସାଇତି ବହୁତ ଗୀତ ହୋଇଯାଇଥିଲା। ସମୟକ୍ରମେ ଲେଖିଥିବା ଗୀତ, ଭଜନ ଓ ପ୍ରବନ୍ଧକୁ ନେଇ ପୁସ୍ତକ ପ୍ରକାଶନ ପାଇ ମନବଳାଇଥିଲି। ହେଲେ ଅର୍ଥ ଅଭାବରୁ ତାହା ସଫଳ ହୋଇପାରୁ ନ ଥିଲା। ସେଥିପାଇଁ ଦୁଃଖରେ ଚୁପ୍ ରହୁଥିଲି। ଏକଥା ଦେଖି ଆମ ପରିବାରର ସମ୍ପର୍କୀୟ ସୁବାସିନୀ ଖୁଡ଼ୀ ମୋତେ ସାହାଯ୍ୟ କରିବା ପାଇଁ କିଛି କଂସାବାସନ ଦେଇ କହିଲେ, ‘ତୁମର ବହି ଛାପିବା ପାଇଁ ଯେତିକି ଟଙ୍କା ଦରକାର ତୁମେ ଏହାକୁ ବନ୍ଧକ ରଖି ତୁମ କାମ କର।’ ଏକଥା ଶୁଣି ମୋ ମନ କୁଣ୍ଢେମୋଟ ହୋଇଯାଇଥିଲା। ଖୁଡ଼ୀଙ୍କ କଥାନୁସାରେ ଟଙ୍କା ଆଣି ପୁରୀ ସର୍ବମଙ୍ଗଳା ପ୍ରେସ୍‌ର ମାଲିକଙ୍କୁ ଦେଇଥିଲି ଆଉ ମୋର ପାଣ୍ଡୁଲିପି ‘ଚନ୍ଦ୍ରଭାଗା’ ପ୍ରକାଶିତ ହୋଇଥିଲା। କୋଣାର୍କଠାରେ ଚନ୍ଦ୍ରଭାଗା ବୁଡ଼ ଦିନ ଚନ୍ଦ୍ରଭାଗା ପୁସ୍ତକ ଉନ୍ମୋଚନ କରିଥିଲି। ଏହା ମୋ ପାଇଁ ଥିଲା ସବୁଠାରୁ ସ୍ମରଣୀୟ ଦିନ। ସେବେଠାରୁ ଆଉ ପଛକୁ ଫେରି ଚାହିଁନାହିଁ, ଲେଖାଲେଖି ପ୍ରତି ଅଧିକରୁ ଅଧିକ ଆଗ୍ରହ ବଢ଼ିଯାଇଛି ; ଯେଉଁଥିରେ ମୋ ପତ୍ନୀ ଜମ୍ବୁବତୀ ବି ସହଯୋଗ କରିଛନ୍ତି। ଥରେ ମୋ ଲେଖାକୁ ପଢି ଆମ ଗାଁକୁ ଆସୁଥିବା ଲୁଗା ବ୍ୟବସାୟୀ କାର୍ତ୍ତିକ ପ୍ରଧାନ ନିଜ ଆଗ୍ରହରେ ‘ବାବା ଚଉବର’ଙ୍କ ଭଜନ ପାଣ୍ଡୁଲିପିକୁ ଛାପିଥିଲେ। ଏହାପରେ ମୋର ଅନ୍ୟସବୁ ପାଣ୍ଡୁଲିପିଗୁଡ଼ିକ ମଧ ବହି ଆକାରରେ ପ୍ରକାଶ ପାଇଥିଲା। ଯାହା ମଧ୍ୟରେ ଭାରତୀ ଗୀତିକା, କଳାଚାନ୍ଦ, ଯୁଗଦର୍ପଣ, କବିତା ମାନସୀ, ମଥାମଣି, ଯୁଗକୋଇଲି, ଶ୍ରୀରାମ ଗୀତ ମାଧୁରୀ, ରୂପସୀ ଚିଲିକା, ଏକାମ୍ରନଗରୀ, ସଙ୍ଗୀତ ମାତୃଭୂମି, ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର ଚିଲିକା, କାଳଜୟୀ ଚିଲିକା କାଳିଜାଈ, ଚଉବର ଚଉତିଶା, ସତୀଦାହ, ନୀଳଲହରିର ସ୍ୱର, କୁମାରୋତ୍ସବ, ଲକ୍ଷ୍ମୀଧର ଗ୍ରନ୍ଥାବଳୀ ଆଦି ପୁସ୍ତକ ରହିଛି। ଜୀବନବ୍ୟାପୀ ସାହିତ୍ୟ ସାଧନା ପାଇଁ ୨୦୧୭ରେ ଓଡ଼ିଶା ସାହିତ୍ୟ ଏକାଡେମୀ ମୋତେ ସମ୍ମାନିତ କରିଛନ୍ତି। ଏଥିସହ ମାନସିଂ ସମ୍ମାନ, ନନ୍ଦଳା ପାରିକୁଦ, ଦିବ୍ୟଦର୍ଶନ ସମ୍ମାନ ପୁରୀ, ଗଜପତି ବୀରକିଶୋର ଦେବଙ୍କଠାରୁ କିଶୋର କବି ସମ୍ମାନ, ମାଣିକପାଟଣା ସାଂସ୍କୃତିକ ପରିଷଦ ତରଫରୁ ସମ୍ମାନିତ, ଯୁଗଜ୍ୟୋତି ସାହିତ୍ୟ ସଂସଦ,ବ୍ରହ୍ମଗିରି, ଶ୍ରୀକ୍ଷେତ୍ର ସାହିତ୍ୟ ସଂସ୍କୃତି ପରିଷଦ ପୁରୀ, ଶ୍ରୀନୀଳାଚଳ ନିଖିଳ ଉତ୍କଳ ପାଲାଗାୟକ ପରିଷଦ ଖୋର୍ଦ୍ଧା, ଚିଲିକା ମହୋତ୍ସବ ସାତପଡ଼ା ଆଦି ଅନେକ ସାହିତ୍ୟ ଅନୁଷ୍ଠାନରୁ ପୁରସ୍କୃତ ହୋଇଛି। ମୋର ଇଚ୍ଛା ଜୀବନ ଶେଷ ସମୟ ଯାଏ ମହାପ୍ରଭୁ ଶ୍ରୀରାମଙ୍କ ନାମ ଜପୁଥିବି, ତାଙ୍କରି କୃପାରୁ ମୋର କଲମ ଚାଲୁ ରହିଥିବ। ଏବେ ମୁଁ ଗାଁରେ ରାମନବମୀ ଉତ୍ସବ, ସାହିତ୍ୟ ଆସର, ପାଠାଗାର କାର୍ଯ୍ୟ କରି ଆତ୍ମସନ୍ତୋଷ ପାଉଛି।


-ବନବିହାରୀ ବେହେରା



ଚିଲିକା କୂଳରେ ତାଙ୍କ ଘର, ପିଲାଟି ଦିନରୁ ସେ ଦେଖିଆସୁଛନ୍ତି ଚିଲିକାର ରୂପବର୍ଣ୍ଣାଳୀକୁ; ଯାହା ତାଙ୍କ ଭିତରେ ସୃଷ୍ଟି କରିଛି ସୃଜନର ସମ୍ଭାର। ବୟସ ୭୭ ଟପିସାରିବା ପରେ ବି ଅଣ୍ଟା ସଳଖି ଛିଡା ହୋଇପାରୁ ନାହାନ୍ତି ସତ କିନ୍ତୁ କାବ୍ୟ କବିତା ଲେଖିବାର ଧାରା ଏବେ ବି ଜାରି ରହିଛି ...











# ଜୀବନ ପାତ୍ର ମୋ...

– ସୁଚିତ୍ରା ମିଶ୍ର

ଗତ କିଛିଦିନ ହେବ ଖୁବ୍ ବିଚଳିତ ଲାଗୁଥିଲା ତା' ମନ । ଠାକୁର ଘରେ ଅନେକ ସମୟ ବସିରହି ତନୁଜା ଚାହିଁରହିଥିଲା କୁନି ଫଟୋଟିରେ କାଳିଆର ଆଖିକୁ । ଚକା ଆଖିରୁ ଝରି ପଡୁଥିବା କରୁଣାର ଧାରେ କିରଣ ଛୁଇଁଗଲା ତା'ର ହୃଦୟ ତନ୍ତ୍ରିକୁ ।

ମାୟା ମୋହର ଜାଲରେ ଓତପ୍ରୋତ ଛନ୍ଦି ହୋଇଯାଇଥିବା ତା' ମନ କାହିଁକି କେଜାଣି ଖୁବ୍ ଅଶାନ୍ତ ହୋଇପଡ଼ିଥିଲା ବିଗତ ଦିନଗୁଡ଼ିକରେ । ସେଇ ଆକ୍ରାମାକ୍ରା ଅବସ୍ଥାରେ ତା' ଅବଚେତନ ମନ ଚାହୁଁଥିଲା ମୁକ୍ତି – ନା ଆଉ ନୁହେଁ, ଏଥର ସମସ୍ତ ମୋହ ମାୟାରୁ ନିଜକୁ ମୁକ୍ତ କରିଦେବ ସେ । ମନକୁ ଦୃଢ଼ କରିବା ସହ ପ୍ରତିଜ୍ଞା କରି ପକାଇଲା ଗୁଣୁଗୁଣୁ ହୋଇ ।

ପିଲାମାନେ ନିଜ ନିଜର ଘର ସଂସାରରେ ବ୍ୟସ୍ତ । ସ୍ୱାମୀଙ୍କର ଅଫିସରେ ଦାୟିତ୍ୱ ବଢ଼ି ବଢ଼ି ଚାଲିଛି । ସେମାନଙ୍କ ପାଖରେ ତନୁଜା ପାଇଁ ସମୟ କାହିଁ ? ମିଛ ମୋହରେ ଘାଣ୍ଟିହୋଇ ଅଣନିଃଶ୍ୱାସୀ ହୋଇପଡ଼ିଲାଣି ସେ ।

ଠାକୁର ଘର ଅନ୍ଧିସନ୍ଧି ସଫା କରୁଥିବାବେଳେ ହାତରେ ବାଜିଲା କନା ପୁଡ଼ାଟିଏ । ବାହାରକୁ କାଢ଼ିଆଣି ଆଗ୍ରହରେ ଦେଖେ ତ ସେଇଟି ପାଟକନାରେ ବନ୍ଧା ହୋଇ ଯତ୍ନରେ ରଖା ହୋଇଥିବା କଉଡ଼ି ପୁଞ୍ଜାଏ । ହାତରେ ମୁଠେଇ ଧରିଲା ସେତକ । ମନ ଫେରିଗଲା ତିରିଶ ବର୍ଷ ତଳକୁ ।

ସେଇ କଉଡ଼ି ତା' ବାହାଘର ସମୟର । ଶାଶୁଘରକୁ ଆସିଲାବେଳେ କାନିରେ ବାନ୍ଧି ଆଣିଥିବା ସେ କଉଡ଼ି ସେମାନେ ସ୍ୱାମୀ ସ୍ତ୍ରୀ ଦୁହେଁ ଖେଳିଥିଲେ ବାହାବେଦି ଉପରେ, ପୁଣି ଖେଳିଥିଲେ ଶାଶୁଘରେ । ବୋଉର ମୁହଁ ଝଲସି ଉଠୁଥିଲା କଉଡ଼ି ମୁଠାକ ଭିତରେ ।

ଜୀବନ ରାସ୍ତାରେ ହସିଖେଳି ଆଗକୁ ବଢ଼ିବାର ମନ୍ତ୍ରରେ ମନ୍ତ୍ରିତ ସେ କଉଡ଼ି ଭିତରୁ ମହକି ଆସୁଥିଲା ତା' ବାପଘରର ମିଠାବାସ୍ନା । କଉଡ଼ି ଖେଳାଉଥିବା ଭାଉଜମାନଙ୍କର ତୁନିତୁନି ଥଟ୍ଟାମଜ୍ଜା କାନରେ ବାଜୁଥିଲା । ଖେଳରେ ହାରିବା ଜିତିବାକୁ ହସ କୌତୁକରେ ବଦଳେଇ ଦେଇ ସଂସାର ବାଟରେ ହାତ ଧରାଧରି ହୋଇ ଚାଲିବା ଶିଖେଇଥିଲା ସେ କଉଡ଼ି ପୁଞ୍ଜାକ ।

ଅତୀତର ଛୋଟ ଛୋଟ ଖୁସିକୁ ଦେଖିପାରୁଥିଲା ତନୁଜା ପାଟକନାରେ ଗୁଡ଼ାହୋଇଥିବା ମୁଠାଏ କଉଡ଼ି ଭିତରେ । ମନଶାନ୍ତ ଲାଗୁଥିଲା । ଅତୀତର ଛୋଟଛୋଟ ଖୁସି ସବୁକୁ ସାଥୀରେ ଧରି ଜୀବନ ରାସ୍ତାରେ ଚାଲିବାବେଳେ ସୁଗମ ହୋଇଯାଏ ଯାତ୍ରା । ସେ ଚାଲିବାରେ ଥକ୍କାପଣ ନ ଥାଏ । ମୁଠାଏ କଉଡ଼ି ଭିତରେ ତନୁଜା ଫେରିପାଇଥିଲା ଅତୀତର ଅନେକ ଖୁସିର ମୁହୂର୍ତ୍ତ ; ଯାହା ତାକୁ ବାଟଚାଲିବା ନିମନ୍ତେ ଯୋଗାଇ ଦେଉଥିଲା ଅସୁମାରି ସାହସ । ମୋହମାୟାରେ ଘାଣ୍ଟିହୋଇ ମୁକ୍ତିର ବାଟ ଖୋଜୁଥିବା ତା' ମନ ସ୍ୱଇଚ୍ଛାରେ ସେଇ ଅଦୃଆ ସୂତାରେ ଗୁଡେଇ ହୋଇ ପଡୁଥିଲା ପୁଣିଥରେ । କାଳିଆ ଓଠରେ ସ୍ମିତ ହସଧାରେ ଲକ୍ଷ୍ୟ କରି ଗୁଣୁଗୁଣେଇଲା ସେ, 'ଜୀବନ ପାତ୍ର ମୋ ଭରିଛ କେତେ ମତେ, ନ ଦେଲ କିଛି ବୋଲି କହିବି କି ହେ ଆଉ' ।

*–ଆର୍. ବି. ଆଇ. ସିନିୟର୍ ଅଫିସର୍ସ କ୍ୱାର୍ଟର୍ସ,*
*ମୁମ୍ବାଇ, ମୋ: ୯୯୩୦୮୨୭୪୮*

# ଜୀବନ

–ସତ୍ୟନାରାୟଣ ଗନ୍ତାୟତ

ଗଣ୍ଡେ ଖାଇ
ଖଣ୍ଡେ ପିନ୍ଧି
ଚାଖଣ୍ଡେ ଥାନରେ
ପାରୁଚ ଯଦି
ଦଣ୍ଡେ ଘୁମେଇ !
ଜାଣ ଯେ
ଜୀବନ ପରି ଜୀବନଟେ
ଜିଇଚ ତୁମେ ଇ !!


–'ସୁହାସିତମ',କସ୍ତୁରୀ ନଗର,
ରାୟଗଡା
ମୋ: ୯୪୩୭୯୦୯୬୭୫

# କେହି ଜଣେ

–ସ୍ମୃତି ରଞ୍ଜନ ତ୍ରିପାଠୀ

କିଛି ତ ନାହିଁ ସେଠି
ନା' ଫୁଲ ବଗିଚା, କଣ୍ଟାବଣ
ନା' ଅଛି ସୂର୍ଯ୍ୟାଲୋକର ଶୋଷ ପଛରେ
ଗୋଡେଇ ଯିବାର କୁହୁକ ବାଟ,
କେହି ଜଣେ ଏବେବି ସୂର୍ଯ୍ୟାସ୍ତରେ
ତିଆରୁଛି
ଅଗମ୍ୟ ଅତୀତ ଲଲାଟ ।
ଯେଉଁଠି ଦିନେ ରଚା ହୋଇଥିଲା
ସହର,ସହଯାତ୍ରୀ ସହୋଦର
ସେସବୁ ଏବେ ଗୋଟେ ଗୋଟେ
ଅସ୍ପଷ୍ଟ ଚରିତ୍ର, ସଂଳାପର ସମ୍ମୋହନ
ଭୂମିକା ମାନଙ୍କ ପାଦଚିହ୍ନ ଉପରେ
ମୁରୁକି ହସୁଚି ସଂକଳ୍ପର ବତୀଘର,
କେଜାଣି କେହି ଜଣେ ସଳଖୁଛି
ଭବ୍ୟ ଆଗନ୍ତୁକର ସ୍ୱପ୍ନଘର
ଅଭିସାରିକାର ଶବ୍ଦବୀଣାରେ
ଲାଜେଇଲେଣି ଅପେକ୍ଷା ଋତୁର କୁଞ୍ଜବନ ।
ଯେଉଁ ନୀଡ଼ କୋରଡ଼ରେ
କୁହୁଡି ପହଁରୁଥିଲେ ପକ୍ଷୀ ଯୁଗଳ
ଶଙ୍ଖାଳୁଥିଲେ କୋହ, ମୋହ, ଲାଜ ଲାସ୍ୟ
ବରଂ ନ ଝରୁ ସେଠି ଝାଉଁବଣ ଫାଙ୍କରେ
କଅଁଳ ଶୀତୁଆ ଲହର
ଏବେ ବି କେହି ଜଣେ ଅନେଇ ବସିଛି
କେଉଁ ଅନାଗତର ପାଦଶବ୍ଦକୁ
ପୁଣ୍ୟତୋୟାର ନଗ୍ନବୁକୁରେ ଭାସିଲାଣି
ସବୁଜ ପ୍ରେମର କଳ୍ପ ସ୍ୱର.... ।

–ଜଟଣୀ, ଖୋର୍ଦ୍ଧା
ମୋ: ୯୪୩୮୩୧୫୩୮୧



# ଭୁଲିଯାଆନ୍ତି ଅଜୟ

ବଲିଉଡ୍‌ର ବିଶିଷ୍ଟ ଆକ୍ସନ ମାଷ୍ଟର ବୀରୁ ଦେବଗନଙ୍କ ପୁତ୍ର ଅଜୟ ବଲିଉଡ୍‌ରେ ଏବେ ଜଣେ ଅନ୍ୟତମ ଲୋକପ୍ରିୟ ଅଭିନେତା। ତାଙ୍କ ଅଭିନୀତ ଅନେକ ସିନେମା ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିପାରିଛି। ଏବେ ବିଶେଷଭାବରେ ରୋହିତ ସେଟ୍ଟିଙ୍କ ସହ ତାଙ୍କର କେମେଷ୍ଟ୍ରି ବେଶ୍ ଜମୁଛି। ହେଲେ ଅଜୟ ଗୋଟିଏ କଥାକୁ ଯେତେ ଚେଷ୍ଟାକଲେ ବି ମନେରଖିପାରୁ ନାହାନ୍ତି। ତାହା କ'ଣ ଜାଣିବେକି ? ଏ ନେଇ ଅଜୟ କହନ୍ତି, ''ଅସଲ କଥା ହେଲା ମୁଁ ଏପର୍ଯ୍ୟନ୍ତ ମୋର ମ୍ୟାରେଜ ଆନିଭର୍ସରି ଡେଟ୍ ମନେ ରଖିପାରୁନାହିଁ। ସେଥିପାଇଁ ସେ ବିଷୟରେ ମୋତେ ପୂର୍ବରୁ ସୂଚନା ଦିଆଯାଏ ଆଉ ମୁଁ ସେ ନେଇ ପ୍ରସ୍ତୁତ ହୁଏ। ମୋ ଧର୍ମପତ୍ନୀ କାଜୋଲ ଥରେ ମୋତେ କହିଲେ ଯେ, ଆସନ୍ତାକାଲି ତୁମ ପାଇଁ ଏକ ସରପ୍ରାଇଜ ଅଛି। ତୁମେ ଯେତେ ଶୀଘ୍ର ଘରେ ପହଞ୍ଚିବ, ଜାଣିପାରିବ। ବାସ୍, ଠିକ୍ ସମୟରେ ଘରେ ପହଞ୍ଚିବା ପରେ ଦେଖିଲି ଡାଇନିଂ ଲାଇଟ୍ ଅଫ୍ ହୋଇଛି। ମୁଁ ଏଣ୍ଟ୍ରି କରିବା ମାତ୍ରେ ଲାଇଟ୍ ଜଳିଉଠିଲା। ଆଉ ମୋତେ ସମସ୍ତେ ଆନିଭର୍ସରି ଉଇସ୍ କରିଥିଲେ।'' ଅଜୟଙ୍କ ଅଭିନୀତ 'ସିଂଘମ୍ ଏଗେନ୍' ନିକଟରେ ରିଲିଜ ହୋଇ ଆଶାନୁରୂପ ବିଜ୍‌ନେସ୍ କରିଛି। ତା' ସହ ସେ ଅଭିନୟ କରିଥିବା 'ରେଡ୍-୨', 'ଦେ ଦେ ପ୍ୟାର୍ ଦେ-୨' ଏବଂ 'ସନ୍ ଅଫ୍ ସର୍ଦ୍ଦାର-୨' ରିଲିଜ ଅପେକ୍ଷାରେ ରହିଛି।


ଆଲିଆ

# ଆଲିଆଙ୍କ ପଢ଼ାପଢ଼ି

ଆଲିଆଙ୍କ ପଢ଼ାପଢ଼ି-ଏକଥା ଜାଣିବା ପରେ କେହି ହୁଏତ ଭାବୁଥିବେ ଯେ, ବୋଧହୁଏ ଏବେ ସେ ପୁଣି ଥରେ ପାଠ ପଢ଼ିବାକୁ ଯାଉଛନ୍ତି। ହେଲେ ଅସଲ କଥା ସେଇଆ ନୁହେଁ। ଆଲିଆଙ୍କର ପିଲାଟି ଦିନରୁ ଏକ ଅଭ୍ୟାସ ରହିଛି। ରାତ୍ରିଭୋଜନ ପରେ ଶୋଇବାକୁ ଯିବା ପୂର୍ବରୁ ସେ ଗୋଟିଏ କାମ ଯେମିତି ବି ହେଉ କରନ୍ତି। ତାହା କ'ଣ ଜାଣନ୍ତି ? ପ୍ରତିଦିନ ଶୋଇବା ପୂର୍ବରୁ ସେ କିଛି ସମୟ ନିଜ ମନ ପସନ୍ଦର ବହି ପଢ଼ିଥାଆନ୍ତି। ଏ ବିଷୟରେ ଆଲିଆ କହନ୍ତି, ''ପିଲାଦିନେ ଥରେ ମୁଁ ଶୋଇବା ପୂର୍ବରୁ ବେଡ୍ ଉପରେ ବହିଟିଏ ପଢୁଥିଲି। ଏହା ଦେଖି ପାପା (ମହେଶ ଭଟ୍ଟ) ମୋ ପାଖକୁ ଆସି ଏନେଇ ମୋତେ ବେଶ୍ ପ୍ରଶଂସା କରିଥିଲେ। ସେବେଠାରୁ ଆଜିଯାଏ ରାତିରେ ବିଛଣାକୁ ଯିବା ପୂର୍ବରୁ ମୁଁ ମୋ ମନ ପସନ୍ଦର ବହି କିଛି ସମୟ ପଢ଼ିଥାଏ। ଏହାଦ୍ୱାରା ମୋ ମନକୁ ଶାନ୍ତି ଆସେ ଏବଂ ଭଲ ନିଦ ହୁଏ। ଏହାବାଦ ଦିନରେ ସମୟ ମିଳିଲେ ସେହି ବହିର ଶିକ୍ଷଣୀୟ ଜିନିଷକୁ ଡାଏରୀରେ ଲେଖିରଖିବାକୁ ଭୁଲି ନ ଥାଏ। ଏବେ ମଧ୍ୟ ମୋର ଏହି ଅଭ୍ୟାସ ଜାରି ରହିଛି।'' ଆଲିଆଙ୍କ ବଲିଉଡ୍ କ୍ୟାରିୟର ଜଣେ ଶିଶୁ କଳାକାର ଭାବରେ ଆରମ୍ଭ ହୋଇଥିଲା। ସିନେମାଟି ଥିଲା 'ସଂଘର୍ଷ'। ୬ ବର୍ଷ ବୟସର ଆଲିଆ ଏହି ଚଳଚ୍ଚିତ୍ରରେ ପ୍ରୀତି ଜିଣ୍ଟାଙ୍କ ପିଲାଦିନ ଭୂମିକାରେ ଅଭିନୟ କରିଥିଲେ।

# ଶାହୀଦଙ୍କ ପ୍ରଶଂସାରେ ପୂଜା

ପୂଜା ହେଗ୍‌ଡେ ଏବେ ଶାହୀଦ କପୁରଙ୍କ ପ୍ରଶଂସାରେ ଶତମୁଖ। କ'ଣ ପାଇଁ ଜାଣନ୍ତି ? ଏହି ଯୋଡ଼ିଙ୍କୁ ନେଇ ନିର୍ମିତ ହୋଇଛି ହିନ୍ଦୀ ସିନେମା 'ଦେବା'। ଚିତ୍ରଟି ଆସନ୍ତା ବର୍ଷ ଜାନୁଆରୀ ୩୧ରେ ରିଲିଜ ହେବାର ଯୋଜନା ରହିଛି। ହେଲେ ସେ କ'ଣ ପାଇଁ ଶାହୀଦଙ୍କୁ ପ୍ରଶଂସା କରୁଛନ୍ତି ଜାଣନ୍ତି ? ଅସଲ କଥା ହେଲା, ଏହାର ଏକ ଗୀତର ଶୁଟିଂ ସମୟରେ ପୂଜା କିଛି ଷ୍ଟେପ୍ ମିସ୍ କରିବା ଶାହୀଦଙ୍କ ନଜରକୁ ଆସିଥିଲା। ଏହା ଦେଖିବା ପରେ ସେ ଶୁଟିଂ ବନ୍ଦ କରିବାକୁ ସୂଚନା ଦେଇଥିଲେ। ତା'ପରେ ପୂଜା କିପରି ସେହି ଷ୍ଟେପ୍ ଠିକ୍ ଭାବରେ କରିପାରିବେ ସେ ନେଇ ନିଜେ ନିର୍ଦ୍ଦେଶନା ଦେଇଥିଲେ ଏବଂ ତାହାକୁ କୋରିଓଗ୍ରାଫର ଓକେ କରିଥିଲେ। ଏ ନେଇ ପୂଜା କହନ୍ତି, ''ସେଦିନ ଶୁଟିଂ ସମୟରେ ଶାହୀଦ ମୋ ଷ୍ଟେପ୍‌କୁ ଲକ୍ଷ୍ୟକରି ତାହା ଭୁଲ୍ ବୋଲି ଜାଣିପାରିଲେ। ତା'ପରେ ସେ ମୋତେ କିଛି ସମୟ ସେହି ଷ୍ଟେପ୍‌ଗୁଡ଼ିକ ପ୍ରାକ୍ଟିସ କରିବାକୁ କହିଥିଲେ। ଏପରିକି ତାହାକୁ ସେଠାରେ ଠିଆହୋଇ ନିଜେ ଲକ୍ଷ୍ୟ କରିଥିଲେ। ବାସ୍, କିଛି ସମୟ ପ୍ରାକ୍ଟିସ କରିବା ପରେ ଶର୍ଟ୍‌ଟି ଓକେ ହୋଇଥିଲା। ସେଥିପାଇଁ ତାଙ୍କ ମୁଁ ଯେତେ ପ୍ରଶଂସା କରିବି ତାହା କମ୍ ହେବ।'' ସିଦ୍ଧାର୍ଥ ରାୟ କପୁରଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ରୋଶନ ଆଣ୍ଡ୍ରୁସ। ଏହାର ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଅମିତ ରାୟ।


ପୂଜା


ଶ୍ରଦ୍ଧା

# ଆଶା ରଖିଛନ୍ତି ଶ୍ରଦ୍ଧା

ଶ୍ରଦ୍ଧା କପୁରଙ୍କ ଡିମାଣ୍ଡ ଏବେ କାହିଁରେ କେତେ। 'ସ୍ତ୍ରୀ-୨' ବକ୍ସ ଅଫିସରେ ସୁପରହିଟ୍ ସାବ୍ୟସ୍ତ ହେବା ପରେ ଏବେ ସେ ଆଉ ଏକ ବିଷୟରେ ଚିନ୍ତା କରୁଛନ୍ତି। ସେ ବିଶେଷ ଭାବରେ ଗୋଟିଏ ରୋଲ୍‌ରେ ଅଭିନୟ କରିବାକୁ ଏବେ ଆଶା ରଖିଛନ୍ତି। ତାହା କ'ଣ ଜାଣନ୍ତି ? ଆକ୍ସନ। ଅର୍ଥାତ୍, ସିନେମାଟି ମୂଳରୁ ଶେଷ ପର୍ଯ୍ୟନ୍ତ ଆକ୍ସନରେ ଭରି ରହିଥିବ। ଆଉ ତାହାର ମୂଳ ଚରିତ୍ର ଥିବ ଜଣେ ସ୍ତ୍ରୀ ଲୋକ। ସେ ସିନା ଏଭଳି ଭାବୁଛନ୍ତି, ହେଲେ ସେଭଳି ଅଫର୍ ମିଳିବା ହେଉଛି ବଡ଼ କଥା। ଏ ବିଷୟରେ ଶ୍ରଦ୍ଧା କହନ୍ତି, ''ବର୍ତ୍ତମାନ ମୋତେ ମୋ କ୍ୟାରିୟର ପ୍ରତି ସଚେତନ ହେବାକୁ ପଡ଼ିବ। ଏଣିକି ଏମିତି ଚରିତ୍ରରେ ଅଭିନୟ କରିବି ଯାହା ଦର୍ଶକଙ୍କୁ ପ୍ରଭାବିତ କରିପାରୁଥିବ। ନିଜକୁ କଦାପି ଗୋଟିଏ ପ୍ରକାର ଭୂମିକାରେ ବାନ୍ଧି ରଖିବି ନାହିଁ। ହୁଏତ ଏଥିପାଇଁ ମୋତେ କେତୋଟି ଅଫର ହାତଛଡ଼ା କରିବାକୁ ପଡ଼ିପାରେ, ହେଲେ ସେ ନେଇ ଟିକେ ହେଲେ ଅନୁଶୋଚନା କରିବି ନାହିଁ।'' ଶ୍ରଦ୍ଧା ସିନା ନିଜେ ଏମିତି ଭାବୁଛନ୍ତି, ହେଲେ ଯେଉଁ ପ୍ରଯୋଜକ ତାଙ୍କୁ ସାଇନ୍ କରିବେ ସେମାନେ ତାଙ୍କର ମନ କଥାକୁ ଠିକ୍ ଭାବରେ ବୁଝିପାରିଲେ ହେଲା। ଦେଖାଯାଉ, କେଉଁ ପାଣି କୁଆଡ଼େ ଯାଉଛି !

# ଶୁଭଦିନକୁ ଅପେକ୍ଷା

ଭାରତ ପୁଷ୍ପରାଗ ଏଥର ଏକାଧାରରେ ଏକ ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରିବା ସହ ନିର୍ଦ୍ଦେଶନା ପରି ଗୁରୁଦାୟିତ୍ୱ ତୁଲାଇଛନ୍ତି। ଚିତ୍ରଟିର ଟାଇଟଲ ରହିଛି 'ଦର୍ପଣ'। ଏହି ଦର୍ପଣ ପଛରେ ଏଭଳି କଥା ଲୁଚି ରହିଛି ଯାହା କାହାଣୀରେ ରୋମାଞ୍ଚ ଭରିଦେଇଛି। ଏଭଳି ଏକ ଭିନ୍ନ କଥାବସ୍ତୁକୁ ଆଧାରକରି ସିନେମାଟିକୁ ପ୍ରସ୍ତୁତ କରାଯାଇଛି। ଦର୍ପଣସାୟନ ପ୍ରଡକ୍ସନ ହାଉସ ବ୍ୟାନରରେ ପ୍ରସ୍ତୁତ ଉକ୍ତ ଚିତ୍ରର କାହାଣୀରେ ସସ୍‌ପେନ୍ସ ଓ ଥ୍ରୀଲର ଭରି ରହିଛି। ଫିଲ୍ମଟିର କାହାଣୀ ରଚନା କରିବା ସହ ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି ଦିଲୀପ କୁମାର ସାହୁ। ଫିଲ୍ମ ବିଷୟରେ ଭାରତ କହନ୍ତି, ''ଏହା ହେଉଛି ମୋର ପ୍ରଥମ ସିନେମା। ତା'ସହ ଫିଲ୍ମଟିର ନିର୍ଦ୍ଦେଶନା ମଧ୍ୟ ମୁଁ ଦେଉଛି। ତେଣୁ ଏହି ଦୁଇଟି ଜିନିଷ ପ୍ରତି ଯଥେଷ୍ଟ ଧ୍ୟାନ ଦେବାକୁ ପଡ଼ିଛି। କାହାଣୀରେ ନିଶ୍ଚୟ ଭିନ୍ନତା ରହିଛି ଏବଂ ମୋର ଦୃଢ଼ବିଶ୍ୱାସ ଏହା ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ। ଏକ ଶୁଭଦିନ ଦେଖି ଫିଲ୍ମଟି ରିଲିଜ ହେବ।'' ଭାରତଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି ହିରଣ୍ମୟୀ ଦାସ। ଅନ୍ୟପକ୍ଷରେ ଅଙ୍କିତ କୁମାର ଏବଂ ତୃପ୍ତି ମିରାମ୍ବିକ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବେ। ଏହାର କାଷ୍ଟିଂରେ ପ୍ରଦ୍ୟୁମ୍ନ ଲେଙ୍କା, ରାନୁ ପାଢ଼ୀ, କାଳୀଚରଣ, ଲଲାଟ, ପ୍ରଜ୍ଞା ମଧ୍ୟ ଅଛନ୍ତି। ଓଡ଼ିଶାର ବିଭିନ୍ନ ସ୍ଥାନରେ ଏହାର ଶୁଟିଂ କରାଯାଇଛି। ଫିଲ୍ମରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ ଏବଂ ଟୁନୁ ପଟ୍ଟନାୟକ। କଣ୍ଠଦାନ କରିଛନ୍ତି ଅସୀମା ପଣ୍ଡା, ହ୍ୟୁମାନ ସାଗର , ଅନ୍ତରା ଚକ୍ରବର୍ତ୍ତୀ, ଅନନ୍ୟା ଶ୍ରୀତମ ନନ୍ଦ ଓ ନାଭ୍ୟା ।


ହିରଣ୍ମୟୀ-ଭାରତ ପୁଷ୍ପରାଗ

# ଅନୁତାପ କରୁଛନ୍ତି ଜାହ୍ନବୀ

ଜାହ୍ନବୀ କପୁର ଯେତେବେଳେ ଅଭିନୟ ଦୁନିଆରେ ପାଦ ଦେଇଥିଲେ ସେତେବେଳେ ଏକ ଭଲ ଅଫର୍‌କୁ ହାତଛଡ଼ା କରିଥିଲେ। ତାକୁ ନେଇ ସେ ଏବେ ମଧ୍ୟ ଅନୁତାପ କରନ୍ତି। କଥା କ'ଣ କି ସେତେବେଳେ ଏ.ଆର୍.ମୁରୁଗାଡସ୍ ଏକ ତେଲୁଗୁ ଫିଲ୍ମରେ ନବାଗତାଙ୍କୁ ସୁଯୋଗ ଦେବାକୁ ଚାହିଁଥିଲେ। ଏ ବିଷୟରେ ଜାହ୍ନବୀଙ୍କ ସହ ଯୋଗାଯୋଗ ମଧ୍ୟ କରାଯାଇଥିଲା। କିନ୍ତୁ ଦୁର୍ଭାଗ୍ୟ, ଏଭଳି ଅଫର୍‌କୁ ସେ ହାତଛଡ଼ା କରିଥିଲେ। ଆଉ ଏକ କଥା ଜାଣନ୍ତି ? ଏଥିରେ ମେଲ୍ ଲିଡ୍‌ରେ ଥିଲେ ସୁପରଷ୍ଟାର ମହେଶ ବାବୁ। କିନ୍ତୁ ଜାହ୍ନବୀ ଏଥିରେ ଅଭିନୟ କରିବାକୁ ମନା କରିଦେଇଥିଲେ। ଏ ନେଇ ସେ କହନ୍ତି, ''ସତ କଥା ହେଲା, ସେତେବେଳେ ମୁଁ ଅଭିନୟ ଜଗତରେ ପାଦ ଦେବାକୁ ଚାହୁଁ ନ ଥିଲି। ତେଣୁ ଏଭଳି ଏକ ଅଫରକୁ ହାତଛଡ଼ା କରି ଦେଇଥିଲି। ଯଦି ସେତେବେଳେ ମୁଁ ରାଜି ହୋଇଥାଆନ୍ତି, ତାହା ନିଶ୍ଚୟ ମୋ କ୍ୟାରିୟରକୁ ବେଶ୍ ମାଇଲେଜ୍ ଦେଇଥାଆନ୍ତା। ଏବେ ସେ ବିଷୟରେ ଚିନ୍ତାକଲେ ମନ ଭାରି ଦୁଃଖ ହୁଏ।'' କେବଳ ସେତିକି ନୁହେଁ, ରୋହିତ ସେଟ୍ଟିଙ୍କ 'ଶିମ୍ବା' ଫିଲ୍ମରେ ସେ ରଣବୀର ସିଂଙ୍କ ନାୟିକା ଭୂମିକାରେ ଅଭିନୟ କରିଥାଆନ୍ତେ। ହେଲେ ଏହି ସୁଯୋଗ ମଧ୍ୟ ତାଙ୍କ ହାତରୁ ଖସିଯାଇଥିଲା। ସେ ମନା କରିବାରୁ ସାରା ଅଲ୍ଲୀ ଖାଁ ବାଜି ମାରି ନେଇଥିଲେ।


ଜାହ୍ନବୀ

ପ୍ରଥମ ରୋଜଗାର

# ପ୍ରଭୁଙ୍କ ପାଖେ ଜଳଲାଗି ହେବା ସହ ମିଠା ବଣ୍ଟା ହୋଇଥିଲା



ସାହିତ୍ୟିକ ତଥା ଦୂରଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ **ଡ.ଭାରତ ଭୂଷଣ ରଥ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ଜୀ**ବନର ପ୍ରଥମ ରୋଜଗାର କାହାର ବା ସ୍ମରଣୀୟ ନୁହେଁ। ପ୍ରଥମ ରୋଜଗାର ଯେତେ ଅଳ୍ପ ହେଉନା କାହିଁକି ମୃତ୍ୟୁ ପର୍ଯ୍ୟନ୍ତ ହୃଦୟକୁ ବାରମ୍ବାର ଛୁଇଁଥାଏ। ଅଳ୍ପରୁ ଆରମ୍ଭ ହୋଇ ପରବର୍ତ୍ତୀ ସମୟରେ ଅଧିକ ଟଙ୍କା ରୋଜଗାର କଲେ ମଧ ବ୍ୟକ୍ତିର ସ୍ମୃତିପଟରେ ପ୍ରଥମ ରୋଜଗାର ଶେଷ ପର୍ଯ୍ୟନ୍ତ ସ୍ମରଣୀୟ ହୋଇ ରହିଥାଏ। ମଣିଷ ମନର ଏହି ସ୍ୱତଃପ୍ରବୃତ୍ତ ସମ୍ବେଦନଶୀଳ ମନୋବୃତ୍ତିର ବନ୍ଧନରେ ମୁଁ ମଧ ବାନ୍ଧି ହୋଇଯାଇଛି। ନୟାଗଡ଼ ଜିଲାର ପ୍ରସିଦ୍ଧ କଣ୍ଟିଲୋ ଶ୍ରୀନୀଳମାଧବ କ୍ଷେତ୍ର ସନ୍ନିକଟ କେନ୍ଦୁପଲ୍ଲୀ ଗାଁର ଏକ ମଧ୍ୟବିତ୍ତ ପରିବାରରେ ମୋ ଜନ୍ମ। ଓଡ଼ିଶା ସରକାରଙ୍କର ଜଣେ ତୃତୀୟ ଶ୍ରେଣୀ କର୍ମଚାରୀ ଥିଲେ ମୋ ବାପା। ଜେଜେ ବାପା, ଜେଜେମା', ବୋଉ, ମୁଁ ଏବଂ ମୋର ଦୁଇ ଭଉଣୀ ତଥା ବନ୍ଧୁବାନ୍ଧବଙ୍କ ଭଲମନ୍ଦ କଥା ବୁଝିବା ବାପାଙ୍କ ପାଇଁ ସେତେଟା ସହଜ ନ ଥିଲା। ଯାହାକୁ ହୃଦୟଙ୍ଗମ କରି ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ସାହିତ୍ୟରେ ସ୍ନାତକୋତ୍ତର ଓ ଏମ୍.ଫିଲ କଲାବେଳେ ନିଜ ଖର୍ଚ୍ଚ ତୁଲାଇବା ପାଇଁ ଟ୍ୟୁଶନ କରିବା ଆରମ୍ଭ କରିଥିଲି। ଆଉ ତା'ସହିତ ପ୍ରାୟ ୫ ବର୍ଷ ଧରି ପ୍ରତିଦିନ ସନ୍ଧ୍ୟାବେଳେ ଶ୍ରୀମନ୍ଦିର ବେଢ଼ା ଭିତରେ ଥିବା ବେଦ ଅନୁଷ୍ଠାନରେ ବେଦ ଅଧ୍ୟୟନ କରିବା ସଙ୍ଗେସଙ୍ଗେ ଜଗମୋହନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ନିତ୍ୟ ବେଦପାଠ କରିବାର ସୁଯୋଗ ମଧ ପାଇଥିଲି। ମହାପ୍ରଭୁଙ୍କ ପାଖରେ ଏହି ନିଷ୍କାମ ଭକ୍ତି ଆଗାମୀ ଦିନରେ ମୋ ଜୀବନର ଗତିପଥ ପରିବର୍ତ୍ତନରେ ଅନେକ ସହାୟକ ହୋଇଥିବା ଅନୁଭବ କରିଥିଲି। ଏମ୍.ଫିଲ ପଢ଼ା ସରିଲା ବେଳକୁ ଦୁଇ ଭଉଣୀଙ୍କର ଏକା ସାଙ୍ଗରେ ବାହାଘର ହେଲା ; ଯଦ୍ଦ୍ୱାରା ଘରର ଖର୍ଚ୍ଚ ଆହୁରି ବଢ଼ିଗଲା। ବାପାଙ୍କ ଉପରେ ଥିବା ପାରିବାରିକ ଚାପକୁ ହୃଦୟଙ୍ଗମ କରି ଚାକିରି କରିବାକୁ ଚିନ୍ତା କଲି। ସେ ସମୟରେ ମୋର କିଛି ବନ୍ଧୁ ପଣ୍ଡିଚେରୀ ଶ୍ରୀଅରୋବିନ୍ଦ ଆଶ୍ରମରେ କାର୍ଯ୍ୟରତ ଥିଲେ। ତାଙ୍କ ମାଧ୍ୟମରେ ପଣ୍ଡିଚେରୀରେ ଯାଇ ପହଞ୍ଚିଲି। ପଣ୍ଡିଚେରୀ ସମୀପ ତିରୁବନ୍ନାମଲ୍ଲାଇ ହେଉଛି ଏକ ପ୍ରସିଦ୍ଧ ଶୈବକ୍ଷେତ୍ର ; ଯେଉଁଠାରେ ସେତେବେଳେ ଚାରିବେଦକୁ ନେଇ ଏକ ଉଚ୍ଚସ୍ତରୀୟ ଗବେଷଣା ଚାଲିଥାଏ। ବେଦମନ୍ତ୍ରଗୁଡ଼ିକର ଓଡ଼ିଆ ଅର୍ଥ ସହିତ ବେଦରେ ପ୍ରୟୋଗ ହୋଇଥିବା ଶବ୍ଦଗୁଡ଼ିକର ଓଡ଼ିଆ ଶବ୍ଦକୋଷ ନିର୍ମାଣ ହେଉଥାଏ। ସେହି ପ୍ରକଳ୍ପରେ ଗବେଷକ ଭାବରେ ମୋତେ ନିଯୁକ୍ତି ମିଳିଲା ; ଯାହାକି ଥିଲା ମୋ ଜୀବନର ସର୍ବପ୍ରଥମ ଚାକିରି। ଗୋଟିଏ ମନ୍ତ୍ରର ଅର୍ଥ ପାଇଁ ପ୍ରାୟ ୨୦୦ ଟଙ୍କା ମିଳୁଥିଲା। ଏହା ହେଲା ୨୦୦୭ ମସିହାର କଥା। ମୁଁ ମେ ୧୮ତାରିଖରେ କାର୍ଯ୍ୟରେ ଯୋଗଦେଇଥିଲି। ମାସ ଶେଷରେ ମୋତେ ପ୍ରଥମ ରୋଜଗାର ଭାବରେ ମିଳିଲା ପ୍ରାୟ ୬ ହଜାର ଟଙ୍କା ; ଯେଉଁଥିରୁ କିଛି ଅର୍ଥ ଘରକୁ ପଠାଇଥିଲି। ସେହି ଟଙ୍କାରେ ବାପା ଗାଁ ଶିବ ମନ୍ଦିରରେ ଜଳଲାଗି କରିବା ସହ ଗାଁରେ ମିଠା ବାଣ୍ଟିଥିଲେ। ପରବର୍ତ୍ତୀ ସମୟରେ ତିରୁପତିସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ପିଏଚ.ଡ଼ି କରିବା ସହିତ ଉକ୍ତ ବିଶ୍ୱବିଦ୍ୟାଳୟରେ ପ୍ରଫେସର ପଦବୀରେ କାମ କରିବାକୁ ଲାଗିଲି ; ଯେଉଁଠାରେ ଏବେ ବି କାର୍ଯ୍ୟରତ। ମୋ ମାର୍ଗଦର୍ଶନରେ ୟା'ଭିତରେ ୧୦ଜଣ ଗବେଷକ ପିଏଚ.ଡି ଉପାଧି ପାଇବା ସହିତ ୧୨ଜଣ ଗବେଷକ ଏମ୍.ଫିଲ ଉପାଧି ପ୍ରାପ୍ତ ହୋଇଛନ୍ତି। ବିଶ୍ୱବିଦ୍ୟାଳୟର ଅନେକ ପ୍ରଶାସନିକ ଦାୟିତ୍ୱ ନିର୍ବାହ କରିବା ସଙ୍ଗେସଙ୍ଗେ ବର୍ତ୍ତମାନ ଦୂର ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଭାବରେ ମଧ ଦାୟିତ୍ୱ ତୁଲାଉଅଛି। ତା'ସହିତ ୟା'ଭିତରେ ସଂସ୍କୃତ କାବ୍ୟ 'ବନବୈଭବ' ରଚନା କରି କେନ୍ଦ୍ର ସାହିତ୍ୟ ଏକାଡେମୀର ଯୁବ ପୁରସ୍କାରପ୍ରାପ୍ତ ହେବାର ସୌଭାଗ୍ୟ ମଧ ପାଇଛି। ଏହାଛଡ଼ା ସଂସ୍କୃତ ଭାଷାରେ ୭ଟି ଗବେଷଣାଧର୍ମୀ ପୁସ୍ତକ ରଚନା କରିବା ସହିତ ମୋର ଓଡ଼ିଆ ଭାଷାରେ ଗୋଟିଏ ଗବେଷଣା ପୁସ୍ତକ, ଗୋଟିଏ ଉପନ୍ୟାସ ଏବଂ ଗୋଟିଏ କବିତା ସଂକଳନ ବି ପ୍ରକାଶିତ ହୋଇଛି। ବିଭିନ୍ନ ପ୍ରତିଷ୍ଠିତ ଖବରକାଗଜର ସ୍ତମ୍ଭ ଲେଖିବାରେ ବି ମୋର ରୁଚି ରହିଛି। ଏସବୁବାଦ୍ ପ୍ରତିବର୍ଷ ବିଭିନ୍ନ ଟିଭି ଚ୍ୟାନେଲ ମାଧ୍ୟମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ରଥଯାତ୍ରାର ପ୍ରତ୍ୟକ୍ଷ ଧାରାବିବରଣୀ ପ୍ରଦାନ କରିବାର ସୁଯୋଗ ମିଳୁଥିବାରୁ ; ଏହାକୁ ମହାପ୍ରଭୁଙ୍କର ସର୍ବଶ୍ରେଷ୍ଠ ସେବା ଭାବରେ ଗ୍ରହଣ କରିଛି।

# କେତେବେଳେ ମିଠା ପୁଣି କେତେବେଳେ କଷା, ସହଜେ ଖସେନା ପ୍ରେମର ନିଶା

ସାଥୀ



**ପ୍ରଶ୍ନ**–ପ୍ରେମର ସ୍ୱାଦ କିପରି କହିବେ କି ସାଥୀ ?

*–ଅମିତ କୁମାର, ବଡବିଲ*

**ଉତ୍ତର:**ପ୍ରେମର ସ୍ୱାଦ କିପରି–ଯିଏ ପ୍ରେମ କରିଛି ସିଏ ସିନା ତାହା ଜାଣିପାରିଛି। କେବଳ ପ୍ରେମକୁ ନେଇ ଭାବନା ରାଇଜରେ ବୁଡିଗଲେ କ'ଣ ହେବ, ସେଥିରେ ଯେଉଁ ମହୁ ରହିଛି ତାହା ଥରେ ଚାଖିଲେ ସିନା ଜାଣିପାରିବେ ? ହେଲେ ପ୍ରେମର ଅସଲ ସ୍ୱାଦ ଜାଣିବା ପାଇଁ ଆପଣଙ୍କ ହୃଦୟ ପ୍ରଥମେ ଶରତ ଋତୁର ନିର୍ମଳ ଆକାଶ ପରି ହେବା ଦରକାର। ମନରୁ ଆବିଳତା ଦୂର କରିଦିଅନ୍ତୁ। ଯାହା ସହିତ ମନ ପରଫେକ୍ଟ ମ୍ୟାଚ୍ କରୁଛି ସେଇଠି ହିଁ ସେଟିଙ୍ଗ ହୁଅନ୍ତୁ। କଥାରେ ଅଛି–କେତେବେଳେ ମିଠା ପୁଣି କେତେବେଳେ କଷା, ସହଜେ ଖସେନା ପ୍ରେମର ନିଶା।'

**ପ୍ରଶ୍ନ**–ମୋ ପ୍ରେମିକା ମୋ ସହ ନଖରାମି କରିବାକୁ ଭଲପାଏ। ଏହାଦ୍ୱାରା ଆମ ପ୍ରେମର କିଛି କ୍ଷତି ହେବିନି ତ ?

*–ଜୟନ୍ତ ରାଉତ, ବାଲେଶ୍ୱର*

**ଉତ୍ତର:**ବେଳେବେଳେ ନଖରାମିରେ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲକା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛରେ ଥିବା କାରଣକୁ ନ ଖୋଜି ସେଇଠୁ ହିଁ ଅସଲ ପ୍ରେମର ସୂତ୍ର ଆପଣ ପାଇପାରିବେ।

**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋ ମନରେ ଘର କରିସାରିଛି। ତା' କଥା ଭାବି ଭାବି ମୋ ଦିନ ବିତି ଯାଉଛି। କ'ଣ କରିବି ?

*–ଅମନ, କଟକ*

**ଉତ୍ତର:**ଯାହାକୁ ଆପଣ ନିଜ ମନ ଭିତରେ ସ୍ଥାନ ଦେଇସାରିଛନ୍ତି ତାହାର ଠିକଣା ବୋଧହୁଏ ଜାଣିନାହାନ୍ତି। ଏପରି ଅନାମିକା ନାୟିକା ପାଇଁ ଆପଣ ପାଗଳ। ଆପଣଙ୍କ ମନ ଭିତରେ ଉଦବେଳିତ ହେଉଥିବା କଥାଗୁଡିକ ସେହି ମନ ଭିତରେ ଚାପି ହୋଇରହିଛି। ଯଦି ସମ୍ଭବ ତେବେ ତାହାର ଠିକଣା ପାଇବାକୁ ଚେଷ୍ଟା କରନ୍ତୁ। ଆଉ ଯଦି କେବେ ଭେଟ ହୋଇଗଲା ତେବେ ବେଳକାଳ ଦେଖି ନିଜ ମନ ଭିତରେ ଆନ୍ଦୋଳିତ ହେଉଥିବା ବହୁ ଦିନର କଥା ତା' ସାମନାରେ ଉଗାଳି ପକାନ୍ତୁ। ସେହି କଥା ଯଦି ସୁନ୍ଦରୀ ମନକୁ ଛୁଇଁ ପାରିଲା, ତେବେ ଧରିନିଅନ୍ତୁ ; ଯାହାକୁ ନେଇ ଆପଣ ଟେନସନରେ ତାହା ହୁଏତ ଦୂର ହୋଇଯିବ।

**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋତେ କଣେଇ କଣେଇ ଚାହୁଁଛି। ହେଲେ ତାକୁ ଯଦି ମୋ ମନର କଥା କୁହେ, ସେ ତାକୁ ଗ୍ରହଣ କରିବ କି ?

*–ତନ୍ମୟ ରାଉତ, କେନ୍ଦ୍ରାପଡା*

**ଉତ୍ତର:**'ସ୍ୱପ୍ନ ସୁନ୍ଦରୀ କନକ ଗୋରୀ, ତା' ଚାହାଣୀ କରିଛି ମନକୁ ଚୋରି।' ତାହାର ସେହି ଚାହାଣୀରେ ହୁଏତ ପ୍ରେମର ପହିଲି ସଙ୍କେତ ଲୁଚି ରହିଛି। ମନକୁ ଥଣ୍ଡା କରି ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ପ୍ରେମ କରିବାକୁ ଅଣ୍ଟା ଭିଡିଛନ୍ତି ତେବେ ମନରେ କୌଣସି ପ୍ରଶ୍ନବାଚୀ ରଖନ୍ତୁ ନାହିଁ। ଏପରି ବଲ୍ ପକାନ୍ତୁ ଯେମିତି ଆପଣଙ୍କ ପ୍ରେମିକା ଏକାଥରେ କ୍ଲିନ୍ ବୋଲ୍ଡ ହୋଇଯିବ।

**ପ୍ରଶ୍ନ**–ସାଙ୍ଗ କଥାରେ ପଡି ମୁଁ ଜଣେ ଝିଅକୁ ଭଲ ପାଇଲି। ବେଶ୍ କିଛି ମାସ ଆମର ପ୍ରେମ ଆଗକୁ ଆଗେଇଲା। ହେଲେ ଏବେ ମୋ ପ୍ରେମିକା ମୋଠାରୁ ଦୂରେଇ ଯିବାକୁ ଚାହୁଁଛି। ମୁଁ ଏବେ କ'ଣ କରିବି ?

*–ସୁକାନ୍ତ ନାୟକ, ଢେଙ୍କାନାଳ*

**ଉତ୍ତର:** ଯେତେବେଳେ ସାଙ୍ଗ କଥାରେ ପଡି ସେହି ସୁନ୍ଦରୀକୁ ଭଲ ପାଇ ବସିଲେ, ସେତେବେଳେ ସେ ନେଇ ଗଭୀର ଭାବରେ ଚିନ୍ତା କରିବାର ଥିଲା। ପ୍ରେମିକା ଚଏସ୍ କରିବା ସମୟରେ ବୋଧହୁଏ କିଛି ଭୁଲ ଭଟକା ରହିଗଲା। ଆପଣଙ୍କ ପ୍ରେମିକା ଆପଣଙ୍କଠାରୁ ଦୂରେଇ ଯିବାକୁ ଚାହୁଁଛି। ଯଦି ଏକଥା ସତ ହୋଇଥାଏ, ସେଭଳି ପ୍ରେମ ଓ ପ୍ରେମିକା ଉପରେ ଭରସା କରିବା ଠିକ୍ ନୁହେଁ।

ଶ୍ରଗ୍ ଏମିତି ଏକ ଆଉଟ୍‌ଫିଟ୍;ଯାହା ସିମ୍ପଲ୍ ଷ୍ଟାଇଲ୍‌କୁ ବି ଆକର୍ଷଣୀୟ ଲୁକ୍ ଦେଇଥାଏ। ଖାସ୍‌କରି ଶୀତଦିନେ ଏହାର ଚାହିଦା ଅଧିକ। କାରଣ ଏହା ଲାଇଟ୍ ୱେଟ୍ ଜ୍ୟାକେଟ୍‌ର କାମ ଦେଇ ଶୀତରୁ ରକ୍ଷା କରିଥାଏ। ଜାଣନ୍ତୁ କ'ଣ ଅଛି ଏହାର ଲାଟେଷ୍ଟ ଡିଜାଇନ୍...

# ଶ୍ରଗ୍ ଫ୍ୟାଶନ





**✲ କୁର୍ତ୍ତି ଓ ଶ୍ରଗ୍:** ଶୀତଦିନେ ଝିଅମାନେ ଚାହିଁଲେ ଏକା କଲର୍‌ର ଲଙ୍ଗ କୁର୍ତ୍ତି ସାଙ୍ଗକୁ ଶ୍ରଗ୍ ଟ୍ରାଏ କରି ଟିକେ ଡିଫରେଣ୍ଟ ଲୁକ୍ ପାଇପାରିବେ। ଆବଶ୍ୟକସ୍ଥଳେ ଲଙ୍ଗ୍ କୁର୍ତ୍ତି ସାଥିରେ ପ୍ରିଣ୍ଟେଡ୍ ଶ୍ରଗ୍ ଆଉ ତା'ସାଙ୍ଗକୁ ସିଲଭର୍ ଜୁଏଲେରୀ ପିନ୍ଧିଲେ ବି ଲୁକ୍ ବେଶ୍ ଆଟ୍ରାକ୍ଟିଭ୍ ଲାଗିଥାଏ। ଏ କ୍ଷେତ୍ରରେ ଅନାରକଲି କୁର୍ତ୍ତି ହେଉ କି ଷ୍ଟ୍ରେଟ୍ କୁର୍ତ୍ତିକୁ ବେଷ୍ଟ ଚଏସ୍ ଭାବେ ବାଛିପାରିବେ।

**✲ ଲେହେଙ୍ଗା ଓ ଶ୍ରଗ୍:** ଯଦି ଆପଣଙ୍କ ଲେହେଙ୍ଗା ସିମ୍ପଲ ଡିଜାଇନ୍‌ର ହୋଇଥାଏ, ତା'ହେଲେ ତା'ସାଙ୍ଗକୁ ଚିକନ୍‌କାରୀ ୱାର୍କ ହୋଇଥିବା ଲଙ୍ଗ୍ ଶ୍ରଗ୍ ଟ୍ରାଏ କଲେ ୟୁନିକ୍ ଲୁକ୍ ମିଳିଥାଏ। କିନ୍ତୁ ଧ୍ୟାନ ଦେବେ ଏହି ଷ୍ଟାଇଲ୍ କଲାବେଳେ ଲେହେଙ୍ଗାର ଚୁନିକୁ ଆଉ ଦେହରେ ପକାଇବେ ନାହିଁ। ତା'ସହିତ ଯେତେ କମ୍ ଜୁଏଲେରୀ ଟ୍ରାଏ କରିବାକୁ ଚେଷ୍ଟା କରିବେ ସେତେ ଭଲ।

**✲ ଶରାରା ଓ ଶ୍ରଗ୍:** ବର୍ତ୍ତମାନର ଫ୍ୟାଶନ ଦୁନିଆରେ ଶରାରା ସୁଟ୍ ସାଙ୍ଗକୁ ଶ୍ରଗ୍ ଟ୍ରାଏ କରି ମୋନୋକ୍ରୋମ୍ ଲୁକ୍ ପାଇବାକୁ ଯୁବତୀମାନେ ଅଧିକ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। ଏହି ଟାଇପ୍‌ର ଆଉଟ୍‌ଫିଟ୍ ସାଙ୍ଗକୁ ଚୋକର୍ ଜୁଏଲେରୀ ଖୁବ୍ ସୁନ୍ଦର ମାନିଥାଏ।

**✲ ଜିନ୍ସ ଓ ଶ୍ରଗ୍:** ଜିନ୍ସ ପ୍ୟାଣ୍ଟ ଓ ଟପ୍ସ ସାଙ୍ଗକୁ ଶ୍ରଗ୍ ଟ୍ରାଏ କଲେ ଏହା ଯୁବତୀଙ୍କୁ ସ୍ମାର୍ଟ ଲୁକ୍ ଦେଇଥାଏ। ଏହି ଲୁକ୍‌କୁ ଆଉ ଟିକେ ହାଇଲାଇଟ୍ କରିବା ପାଇଁ ଅକ୍ସିଡାଇଜ୍ଡ ଜୁଏଲେରୀ ପିନ୍ଧିବା ସହିତ ଚୁଟିକୁ ଖୋଲା ରଖିବେ ଏବଂ ତା'ସହିତ ପାଦରେ ଲେଦର୍ ବୁଟ୍ ପିନ୍ଧିପାରିବେ।


**✲ ଶାଢ଼ି ଓ ଶ୍ରଗ୍:** ମଡର୍ନ ଆଉଟ୍‌ଫିଟ୍ ବ୍ୟତୀତ ଯୁବତୀ ଚାହିଁଲେ ଶାଢି ଉପରେ ମଧ୍ୟ ଶ୍ରଗ୍‌କୁ ଟ୍ରାଏ କରି ଟିକେ ଭିନ୍ନ ଲୁକ୍ ପାଇପାରିବେ। ଯେଉଁ କଲର୍‌ର ଶାଢି ପିନ୍ଧୁଛନ୍ତି ତାକୁ ପରଫେକ୍ଟ ମ୍ୟାଚ୍ କଲାଭଳି ଶ୍ରଗ୍ ପିନ୍ଧିଲେ ଲୁକ୍ ଆହୁରି ଆକର୍ଷଣୟ ଲାଗିଥାଏ।

### ଶ୍ରଗ୍‌ର ବିଭିନ୍ନ ଭେରାଇଟି

- ମଡର୍ନ ଲୁକ୍ ପାଇଁ ଶର୍ଟ ଲେଙ୍ଗ୍‌ଥ ଶ୍ରଗ୍ ସବୁଠୁ ବେଷ୍ଟ ହୋଇଥାଏ। କାରଣ ଏହାକୁ ସବୁ ପ୍ରକାରର ୱେଷ୍ଟର୍ନ ଆଉଟ୍‌ଫିଟ୍ ସହ ଆରାମରେ କ୍ୟାରି କରିହୁଏ।
- ମାର୍କେଟ୍‌ରେ ବିଭିନ୍ନ ଡିଜାଇନର୍ ସ୍ଲିଭ୍ସରେ ବି ଶ୍ରଗ୍ ଉପଲବ୍ଧ ହେଉଛି। ଝିଅମାନେ ସର୍ବଦା ନିଜ ଲୁକ୍‌କୁ ମାନିଲା ଭଳି ଶ୍ରଗ୍ ଆଣି ବ୍ୟବହାର କରିବା ଆବଶ୍ୟକ।
- ଯୁବତୀ ଚାହିଁଲେ ଜିନ୍ସ-ଟପ୍ସ ହେଉ ଅଥବା କୁର୍ତ୍ତି-ପ୍ଲାଜୋ ସାଙ୍ଗକୁ ପ୍ରିଣ୍ଟେଡ୍ ଶ୍ରଗ୍ ଟ୍ରାଏ କରି ଟିକେ ଡିଫରେଣ୍ଟ ଲୁକ୍ ପାଇପାରିବେ।
- ଆଜିକାଲି ଲଙ୍ଗ୍ ଶ୍ରଗ୍ ପିନ୍ଧିବାର ଟ୍ରେଣ୍ଡ ଖୁବ୍ ଚାଲିଥିବା ଦେଖିବାକୁ ମିଳୁଛି। ଏହାକୁ ଉଭୟ ଟ୍ରାଡିଶନାଲ୍ ହେଉ କି ୱେଷ୍ଟର୍ନ ଆଉଟ୍‌ଫିଟ୍ ସହ ଆରାମରେ କ୍ୟାରି କରିହୁଏ। ଖାସ୍‌କରି ଶାଢି ଓ ଲେହେଙ୍ଗା ସହ ଏହି ଟାଇପ୍‌ର ଶ୍ରଗ୍ ଖୁବ୍ ଭଲ ମାନିଥାଏ।
- ଆନିମଲ୍ ପ୍ରିଣ୍ଟ ଶ୍ରଗ୍ ବି ଯୁବତୀଙ୍କୁ ମଡର୍ନ ଲୁକ୍ ଦେଇଥାଏ। ଖାସ୍ କରି ଡେନିମ୍ ଜିନ୍ସ ଓ ଟପ୍ସ ସାଙ୍ଗକୁ ଏହି ଶ୍ରଗ୍ ଟ୍ରାଏ କଲେ ଲୁକ୍ ବେଶ୍ ଆଟ୍ରାକ୍ଟିଭ୍ ଲାଗିଥାଏ।
- ସବୁଠୁ ଖାସ୍ କଥା ହେଉଛି ଶୀତ ଦାଉରୁ ରକ୍ଷା ପାଇବା ସହ ଷ୍ଟାଇଲିଶ୍ ଲୁକ୍ ପାଇଁ ଏବେ ମାର୍କେଟ୍‌ରେ ଉଲେନ୍ ଫାବ୍ରିକ୍‌ର ବି ଖୁବ୍ ସୁନ୍ଦର ସୁନ୍ଦର ଶ୍ରଗ୍ ମିଳୁଥିବା ଦେଖିବାକୁ ମିଳୁଛି। ଝିଅମାନେ ଚାହିଁଲେ ଏହାକୁ ମଧ୍ୟ ଟ୍ରାଏ କରି ଭିନ୍ନ ଲୁକ୍ ପାଇପାରିବେ।








ଅଭିଜିତ୍

## ହାଃ ହାଃ

### ଫରକ

ଶିକ୍ଷକ: ଡେଟ୍ ଓ ତାରିଖ ଭିତରେ ଫରକ କ'ଣ ?
ପପୁ: ସାର୍ ମୁଁ କହିବି।
ଶିକ୍ଷକ: ହଉ କହ।
ପପୁ: ସାର୍, ଡେଟ୍‌ରେ ଲୋକେ ଗର୍ଲଫ୍ରେଣ୍ଡ ସହ ଯାଆନ୍ତି। ଆଉ ତାରିଖରେ ଓକିଲ ସହ ଯାଆନ୍ତି।

### ବାହା ହେଇଗଲା

ରାମୁ ନକୁଳକୁ କାନ୍ଦି କାନ୍ଦି: ମୋ ଗର୍ଲଫ୍ରେଣ୍ଡ ବାହା ହେଇଗଲା।
ନକୁଳ: ତୋ ଦାଦା ବିଧାୟକ ଅଛନ୍ତି ବୋଲି ତୁ ତାକୁ କହି ନ ଥିଲୁ କି ?
ରାମୁ: କହିଥିଲି।
ନକୁଳ: ତଥାପି ତତେ ବାହା ହେଲାନି ?
ରାମୁ: ସେକଥା କହିବାଟା ହିଁ ମୋ ପାଇଁ କାଳ ହେଲା। ସେ ମତେ ଛାଡ଼ି ମୋ ଦାଦାଙ୍କୁ ବାହା ହେଇଗଲା। ଆଉ ମୋ ଖୁଡ଼ି ହେଇଗଲା।

### ଭଲ ପାଇବ


ସ୍ତ୍ରୀ: ତମେ ତ ବାହାଘର ପୂର୍ବରୁ କହୁଥିଲ ଯେ, ବାହାଘର ପରେ ବି ମତେ ବହୁତ ଭଲ ପାଇବ।
ସ୍ୱାମୀ: ମୁଁ କ'ଣ ଜାଣିଥିଲି ମୋ ବାହାଘର ତମ ସହ ହିଁ ହେବ ବୋଲି।

### ଏକ୍ସ-ରେ


ଡାକ୍ତର: ଏକ୍ସ-ରେ ରେ ଆପଣଙ୍କ ଗୋଡ଼ର ହାଡ଼ ଭାଙ୍ଗିଥିବା ଦେଖାଯାଉଛି।
ଗୋପୀ: ଯାହା ହଉ ଭଗବାନ, ଏକ୍ସ-ରେ ରେ ସେ ଗୋଡ଼ ଭାଙ୍ଗିଛି। ଯଦି ସତରେ ଭାଙ୍ଗିଥାନ୍ତା ମୋର ବହୁତ ଖର୍ଚ୍ଚ ହେଇଥାନ୍ତା।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧, **ଫଟୋ ସୌଜନ୍ୟ: ଆଦିତ୍ୟ ରାଉତ**

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।







# ବାଲଟାଲ

**ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ବାଲଟାଲ ଉପତ୍ୟାକା ହେଉଛି ଜମ୍ମୁ ଓ କାଶ୍ମୀରସ୍ଥିତ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ଏଠାରେ ପର୍ଯ୍ୟଟକ ଶାନ୍ତ ପରିବେଶରେ ଛୁଟି କଟାଇବାର ମଜା ନେବା ସହ ଟ୍ରେକିଂ କରିବାର ନିଆରା ଆନନ୍ଦ ମଧ୍ୟ ଲଭିପାରିବେ...**

ଜମ୍ମୁ ଓ କାଶ୍ମୀରର ଗାଣ୍ଡରବାଲ୍ ଜିଲାରେ ଅବସ୍ଥିତ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ହେଉଛି ବାଲଟାଲ ଉପତ୍ୟାକା। ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଏତେ ଆକର୍ଷଣୀୟ ଯେ, ଦେଖିଲେ ନିମିଷକରେ କାହାର ବି ଆଖି ଲାଖିଯିବ। ଶ୍ରୀନଗରରୁ ପ୍ରାୟ ୯୩ କି.ମି, ସୋନମାର୍ଗରୁ ପ୍ରାୟ ୧୫ କି.ମି ଦୂରରେ ଥିବା ଏହି ଅଞ୍ଚଳରେ ବହୁ ଉଚ୍ଚ ଉଚ୍ଚ ପାହାଡ ଦେଖାଯିବା ସହ ନଦୀ ମଧ୍ୟ ରହିଛି ; ଯେଉଁଠାରେ ମୁଖ୍ୟତଃ ପର୍ଯ୍ୟଟକଙ୍କ ପାଇଁ କ୍ୟାମ୍ପିଙ୍ଗ୍‌ର ସୁବିଧା ହୋଇଥାଏ। ସିନ୍ଧ ନଦୀର କୂଳବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଏହି ସ୍ଥାନରେ ପର୍ଯ୍ୟଟକ ଶୀତଦିନେ ବରଫାବୃତ ପାହାଡର ଅପୂର୍ବ ଦୃଶ୍ୟକୁ ମନଭରି ଉପଭୋଗ କରିପାରିବେ। ତା'ଛଡ଼ା ଏହି ସ୍ଥାନଟି ବିଶେଷତଃ ଟ୍ରେକିଂ ପ୍ରିୟ ପର୍ଯ୍ୟଟକଙ୍କ ପାଇଁ ମଧ୍ୟ କୌଣସି ସ୍ୱର୍ଗଠାରୁ କମ୍ ନୁହେଁ। କାରଣ ଏଠାରେ ଟ୍ରେକିଂ ପାଇଁ ଖୁବ୍ ଭଲ ସୁବିଧା ଓ ବ୍ୟବସ୍ଥା ଉପଲବ୍ଧ ରହିଛି।

### କ'ଣ ଦେଖିବେ

ଯଦି କୌଣସି ପର୍ଯ୍ୟଟକ ସାଙ୍ଗସାଥୀ ଅଥବା ନିଜ ପରିବାର ବର୍ଗଙ୍କ ସହ ଏହି ସ୍ଥାନକୁ ବୁଲିଯିବା ପାଇଁ ପ୍ଲାନିଂ କରୁଥାନ୍ତି ; ତା'ହେଲେ ଏଠାରେ ସେମାନେ ଅନେକ ପାହାଡ, ଘାଟିରାସ୍ତା, କୁଳୁକୁଳୁ କରି ବୋହିଯାଉଥିବା ନଦୀର ଦୃଶ୍ୟକୁ ମନଭରି ଉପଭୋଗ କରିବା ସହ ଏହାର ଆଖାପାଖ ଅଞ୍ଚଳରେ ଥିବା କେତେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ବି ଦେଖିବାକୁ ଯାଇପାରିବେ। ଯେମିତିକି: ସୋନମାର୍ଗ, ଅମରନାଥ, ଗୁଲମାର୍ଗ, ବୈଷ୍ଣୋଦେବୀ ମନ୍ଦିର, ପହଲଗାମ୍, ଦାଚିଗାମ୍ ନ୍ୟାସନାଲ୍ ପାର୍କ ଇତ୍ୟାଦି ଅନ୍ୟତମ। ତଥ୍ୟ ଅନୁଯାୟୀ, ସମୁଦ୍ରପତ୍ତନରୁ ପ୍ରାୟ ୨୭୪୩ ମିଟର ଉଚ୍ଚତାରେ ଥିବା ଏହି ସ୍ଥାନରେ କୁଆଡ଼େ ଅମରନାଥ ଯାତ୍ରା କରୁଥିବା ପର୍ଯ୍ୟଟକଙ୍କ ପାଇଁ ବେସ୍ କ୍ୟାମ୍ପ କରାଯାଇଥାଏ। ତେବେ କେବଳ ଅମରନାଥ ପାଇଁ କାହିଁକି ଅନ୍ୟ ପର୍ଯ୍ୟଟକଙ୍କ ପାଇଁ ବି ଏଠାରେ ରହିବା, ଖାଇବାର ସୁବିଧା ଯୋଗାଇ ଦିଆଯାଇଥାଏ। କହିବାକୁ ଗଲେ, ଏଠାକାର ଆକର୍ଷଣୀୟ ପ୍ରାକୃତିକ ପରିବେଶ ହିଁ ପର୍ଯ୍ୟଟକଙ୍କୁ ବେଶୀ ଆନନ୍ଦ ପ୍ରଦାନ କରିଥାଏ।

### ଅର୍ଥନୀତି


ଏହି ସ୍ଥାନର ପାଖାପାଖି ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ମୁଖ୍ୟତଃ ପର୍ଯ୍ୟଟନରୁ ହିଁ ଭଲ ଦୁଇ ପଇସା ରୋଜଗାର କରିଥାନ୍ତି।

### ଟ୍ରେକିଂ ପାଇଁ ସ୍ୱର୍ଗ

ଜନଗହଳିପୂର୍ଣ୍ଣ ପରିବେଶରୁ ଦୂର ଏହି ସ୍ଥାନରେ ଶାନ୍ତିରେ କିଛି ମୁହୂର୍ତ୍ତ ବିତାଇବା ପାଇଁ ପ୍ରାୟତଃ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ପ୍ରକୃତିର ଅପୂର୍ବ ଶୋଭା ସାଙ୍ଗକୁ ଏଠାରେ ଲୋକମାନଙ୍କର ଉତ୍ତମ ବ୍ୟବହାର ପର୍ଯ୍ୟଟକଙ୍କୁ ଖୁବ୍ ଆନନ୍ଦ ଦେଇଥାଏ। ତା'ଛଡ଼ା ଏଠାକାର ପାହାଡ଼ି ଅଞ୍ଚଳରେ ଟ୍ରେକିଂ କରିବାରେ ବି ଥାଏ ଏକ ଅପୂର୍ବ ଆନନ୍ଦ। କେବଳ ସେତିକି ନୁହେଁ ପାହାଡିଆ ଅଞ୍ଚଳରେ ବାଇକ୍‌ରେ ବୁଲିବାରେ ବି ଥାଏ ଏକ ନିଆରା ଖୁସି। ସେଥିପାଇଁ ଅନେକ ବାଇକର୍ସମାନଙ୍କର ବି ଏଠି ବେଶ୍ ଭିଡ ଜମେ।

### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲି ଯାଇହେବ। କିନ୍ତୁ ଅଧିକ ବର୍ଷା ହେଉ କି ଅଧିକ ଶୀତ ସମୟରେ ଏଠାକୁ ନ ଯିବା ଭଲ। ସେହିପରି ଏଠାକୁ ଯିବା ପାଇଁ ଆକାଶପଥ, ରେଳପଥ ତଥା ସଡ଼କପଥର ଭଲ ସୁବିଧା ରହିଛି। ପର୍ଯ୍ୟଟକ ଚାହିଁଲେ ନିଜ ଯାନରେ ବି ଏଠାକୁ ବୁଲିଯାଇପାରିବେ।





# ଶୀତଦିନେ ପ୍ରଦୂଷଣ ବଢେ କାହିଁକି




**ଶୀତଦିନ ଆସିବା ପରେ ପରେ ପରିବେଶ ପ୍ରଦୂଷଣର ସ୍ତର ବଢିଯାଏ। ଲୋକଙ୍କର ଘରୁ ବାହାରିବା କଷ୍ଟକର ହେଇଯାଏ। ଟିଭି, ଖବରକାଗଜରେ ଏହା ମୁଖ୍ୟ ଖବର ପାଲଟେ। ହେଲେ ଶୀତଦିନରେ ହିଁ କାହିଁକି ପ୍ରଦୂଷଣ ବଢେ? ଜାଣନ୍ତୁ ସେ ସମ୍ପର୍କରେ..**

ପ୍ରତିବର୍ଷ ଦେଶର ରାଜଧାନୀ ଦିଲ୍ଲୀ ପ୍ରଦୂଷଣର ନଗରୀ ପାଲଟିଯାଏ । କେବଳ ଦିଲ୍ଲୀ ନୁହେଁ ଦେଶର ଆହୁରି ଅନେକ ରାଜ୍ୟରେ ବି ପ୍ରଦୂଷଣର ସ୍ଥିତି ଗମ୍ଭୀର ହୋଇଯାଏ । ଏଭଳି ହେବା ପଛର କାରଣ ହେଉଛି ଶୀତଦିନେ ତାପମାତ୍ରା କମ୍ ଥିବାରୁ ବାୟୁ ଥଣ୍ଡା ହେଇଯାଏ । ଥଣ୍ଡା ବାୟୁ ଉଷ୍ମ ବାୟୁ ଅପେକ୍ଷା ଭାରି ହୋଇଥାଏ । ତେଣୁ ତାହା ନିମ୍ନଗାମୀ ହୁଏ । ଫଳରେ ବାୟୁର ଭର୍ଟିକାଲ ସ୍ପିଡ କମିଯାଏ ଓ ତାହା ଉପରକୁ ଉଠିପାରେ ନାହିଁ । ତେଣୁ ପ୍ରଦୂଷିତ ତତ୍ତ୍ୱ ବାୟୁରେ ଫଁଶିକି ରହିଯାଏ ଓ ଉପରକୁ ଯାଇପାରେନା ।

ଏହାବାଦ ଶୀତଦିନେ ବାୟୁରେ ଆର୍ଦ୍ରତା କମ୍ ଥାଏ । ସାଧାରଣତଃ ବାୟୁରେ ଆର୍ଦ୍ରତା ଥିଲେ, ଆର୍ଦ୍ରତା ପ୍ରଦୂଷିତ କଣିକାକୁ ପରସ୍ପର ମଧ୍ୟରେ ଲାଗିକି ରହିବାରେ ସାହାଯ୍ୟ କରେ ଓ ତାକୁ ଭୂମି ଆଡ଼କୁ ଆଣିବାରେ ସାହାଯ୍ୟ କରେ । ହେଲେ ଆର୍ଦତା କମ୍ ଥିଲେ ପ୍ରଦୂଷିତ କଣିକା ପରସ୍ପର ମଧ୍ୟରେ ଲାଗି ନ ଥାଏ କି ଭୂମିକୁ ଆସି ପାରି ନ ଥାଏ । ବରଂ ତାହା ବାୟୁରେ ଭାସମାନ ହୋଇ ରହେ ।

ଶୀତଦିନେ ବେଳେବେଳେ ଏକ ଅଜବ ସ୍ଥିତି ମଧ୍ୟ ଉପୁଜିଥାଏ । ଯାହାକୁ ଇନଭର୍ସନ ଟେମ୍ପରେଚର ବା ଓଲଟା ତାପମାତ୍ରା କୁହାଯାଏ । ସାଧାରଣତଃ ଉଚ୍ଚତା ସହ ତାପମାତ୍ରା କମେ । ହେଲେ ଏଥିରେ ଉଚ୍ଚତା ବଢିବା ସହ ତାପମାତ୍ରା ବି ବଢିବାକୁ ଲାଗେ । ଏହି ସ୍ଥିତିରେ ଗରମ ବାୟୁ ତଳଭାଗର ଥଣ୍ଡା ବାୟୁକୁ ଦବେଇଥାଏ । ଯଦ୍ୱାରା ପ୍ରଦୂଷିତ କଣିକା ବାୟୁରେ ହିଁ ଫଁଶିକି ରହିଯାଏ । ଏହାବାଦ ଶୀତଦିନେ କୁହୁଡ଼ି ଓ କାକର ହେବା ସ୍ୱାଭାବିକ କଥା । ଏହା ମଧ୍ୟ ପ୍ରଦୂଷିତ କଣିକାକୁ ନିଜ ଭିତରେ ରଖିନିଏ ଓ ବାୟୁରେ ମିଶିଯାଏ । ଯଦ୍ୱାରା ପ୍ରଦୂଷଣର ସ୍ତର ବଢିଯାଏ ।

ଏସବୁ ବାଦ୍ ଶୀତଦିନେ କିଛି ମନୁଷ୍ୟକୃତ କାର୍ଯ୍ୟ ପାଇଁ ବି ପ୍ରଦୂଷଣ ବଢେ । ଯେମିତିକି କଳକାରଖାନା ଓ ଯାନବାହନ ଯୋଗୁ ପରିବେଶ ପ୍ରଦୂଷିତ ହୁଏ । ଏହାବାଦ ଧୂଳି ଝଡ଼, ଦପାବଳୀରେ ବାଣ ଫୁଟା, ଥଣ୍ଡାରୁ ରକ୍ଷା ପାଇବା ଲାଗି ଜଳାଯାଉଥିବା ଧୂନୀ, କୃଷକମାନଙ୍କର କ୍ଷେତରେ ପରାଳୀ ଜଳାଇବା ଆଦି ମଧ୍ୟ ପ୍ରଦୂଷଣ ବଢାଏ ।



# ହତିଆରରୁ ବାଦ୍ୟ ଯନ୍ତ୍ର

ଦିନେ ସର୍ବିୟାରେ ବର୍ଷ ବର୍ଷ ଧରି ଯୁଦ୍ଧ ଚାଲି ରହିଥିଲା । ତେଣୁ ଏଠାରେ ରକେଟ୍ ଲଞ୍ଚର୍ ସହିତ ବେକାର ହୋଇଯାଇଥିବା ଅସ୍ତ୍ରଶସ୍ତ୍ରର ଏକ ବଡ ଡମ୍ପିଂ ଗ୍ରାଉଣ୍ଡ ଅଛି । ନିକୋଲା ମୈକ୍ୟୁରା ସେହି ସର୍ବିୟାର ନିବାସୀ ଅଟନ୍ତି । ସେ ନୋଭି ସାଦ ଏକାଡେମୀ ଅଫ୍ ଆର୍ଟସ୍‌ରେ ଆସିଷ୍ଟାଣ୍ଟ ପ୍ରଫେସର୍ ଅଛନ୍ତି । ଏହି ଡମ୍ପିଂ ଗ୍ରାଉଣ୍ଡକୁ ସେ ପ୍ରତି ସପ୍ତାହ ବୁଲିବାକୁ ଯାଆନ୍ତି । ଆଉ ଅଦରକାରୀଭାବେ ପଡି ରହିଥିବା ରାଇଫଲ୍, ହେଲମେଟ୍, ମିସାଇଲ୍ ଖୋଜି ଖୋଜି ନିଜ ଷ୍ଟୁଡିଓକୁ ନେଇ ଆସନ୍ତି । ନିଜ ସୃଜନଶକ୍ତିର ପ୍ରୟୋଗ କରି ସେହିସବୁ ବିନାଶକାରୀ ଅସ୍ତ୍ରଶସ୍ତ୍ରକୁ ସେ ସୁମଧୁର ଧ୍ୱନୀ ବାହାରୁଥିବା ବାଦ୍ୟରେ ରୂପାନ୍ତରିତ କରନ୍ତି । ୪୨ ବର୍ଷୀୟ ନିକୋଲାଙ୍କର ଏହି କଳାକୁ ସମସ୍ତେ ବେଶ୍ ପ୍ରଶଂସା କରୁଛନ୍ତି । ଏବେ ସେ ଆର୍ମି ଟ୍ୟାଙ୍କକୁ ବି ବାଦ୍ୟ ଯନ୍ତ୍ରରେ ରୂପାନ୍ତରିତ କରିବାକୁ ଚାହୁଁଛନ୍ତି । ଏହାକୁ ସେ ଏମିତି ଏକ ମ୍ୟୁଜିକାଲ ଇନ୍‌ଷ୍ଟ୍ରୁମେଣ୍ଟରେ ରୂପାନ୍ତରିତ କରିବାକୁ ଚାହାନ୍ତି ଯାହାକୁ ଏକାଥରେ ୫ ଜଣ ସଙ୍ଗିତକାର ବଜାଇପାରିବେ । ତାଙ୍କର ଆଉ ଏକ ସ୍ୱପ୍ନ ହେଉଛି ଅସ୍ତ୍ରଶସ୍ତ୍ରରେ ନିର୍ମିତ ବାଦ୍ୟ ଯନ୍ତ୍ରର ଏକ ଅର୍କେଷ୍ଟ୍ରା କରିବାକୁ । ତା'ସହ ସେହି ବାଦ୍ୟ ଯନ୍ତ୍ରକୁ ବଜାଇବା ପାଇଁ ଯୁଦ୍ଧରେ ଲଢିଥିବା ସୈନିକଙ୍କୁ ତାଲିମ ଦେବାକୁ ବି ଚାହାନ୍ତି । ତା'ସହ ସାରା ପୃଥିବୀରେ ଭ୍ରମଣ କରି ଏହି ଅର୍କେଷ୍ଟ୍ରା ମାଧ୍ୟମରେ ବାର୍ତ୍ତା ଦେବାକୁ ଚାହାନ୍ତି ଯେ, ସଙ୍ଗିତର ଲହରି ଜାରି ରହୁ, ଯୁଦ୍ଧ ନ ହେଉ ।



## କଥା ଚାଟ୍



ଓଁ ଅଭିଜ୍ଞାନ ସାହୁ

# ଆଳୁ ତନ୍ତ୍ର

ନିର୍ବାଚନ ପୂର୍ବରୁ ବିହାରରେ ଗୋଟେ ନାରା ଉଠିଥିଲା – ଜବ୍‌ତକ୍ ସମୋସେ ମେଁ ରହେଗା ଆଳୁ ବିହାର ମେଁ ରହେଗା ଲାଲୁ । ବିଡ଼ମ୍ବନା ଦେଖନ୍ତୁ ଲାଗ ଲାଗ ନିର୍ବାଚନରେ ଦଳର ପରାଜୟ ଯୋଗୁ ହେଉ କି ବାର୍ଦ୍ଧକ୍ୟଜନିତ ହେଉ ଲାଲୁଜୀ ଆସ୍ତେ ଆସ୍ତେ ରାଜନୀତିରୁ ଅଦୃଶ୍ୟ ହେଲା ବେଳକୁ ଏହା ସହ ତାଳଦେଇ ଅତ୍ୟଧିକ ଦର ବୃଦ୍ଧି ଯୋଗୁ ସିଙ୍ଗଡ଼ାରୁ ଆଳୁ ମଧ ଉଭାନ୍ ହେବାରେ ଲାଗିଲାଣି । ଏବର ଶାସକ ଦଳର କଂଗ୍ରେସମୁକ୍ତ ଭାରତ ଅଭିଯାନ ଭଳି ଲାଗୁଛି ବିହାରରୁ ଲାଲୁଜୀଙ୍କୁ ହଟାଇବାକୁ ପ୍ରଥମେ ଜନସାଧାରଣଙ୍କ ରୋଷେଇ ଘରୁ ଆଳୁକୁ ହଟାଇବା ପ୍ରୟାସ ସରକାରୀ ଦଳ ଆରମ୍ଭ କରିଛନ୍ତି। ନା ରହେଗା ବାଂଶ ନା ବଜେଗା ବାଂଶୁରୀ । ତେଣୁ ଆଳୁକୁ ଏପରି ମହଙ୍ଗା କରିଦେଲେ ଯେ ସାଧାରଣ ଲୋକ କେବଳ ସ୍ୱପ୍ନରେ ଆଳୁ କଥା ଭାବିପାରିବ, ହେଲେ ତାକୁ କିଣିପାରିବ ନାହିଁ ।

ଦକ୍ଷିଣ ଆମେରିକା ମହାଦେଶରୁ ଆସି ଭାରତରେ ରାଜ୍ କରୁଥିବା ଆଳୁ ଯେ ଦିନେ ଦେଶରେ ରାଜନୈତିକ ଭୂକମ୍ପ ସୃଷ୍ଟି କରିବ ତାହା ହୁଏତ କେହି କେବେ ଭାବି ନ ଥିବେ । କେବଳ ଆଳୁ କାହିଁକି ସବୁ ବିଦେଶାଗତ ପରିବା ଯେପରିକି ମଧ୍ୟପ୍ରାଚ୍ୟରୁ ଆସିଥିବା ପିଆଜ,ଦକ୍ଷିଣ ଆମେରିକାରୁ ବିଲାତି ବାଇଗଣ, ଚାଇନାରୁ ଆସିଥିବା ରସୁଣ ଇତ୍ୟାଦି ଆମ ଶାନ୍ତିପ୍ରିୟ ଦେଶରେ ଅଶାନ୍ତି ସୃଷ୍ଟି କରୁଛନ୍ତି । ଅନେକ ସମୟରେ ଆମ ଦେଶର ତୁଙ୍ଗନେତାମାନେ କହିବାର ଶୁଣିଛି ଦେଶରେ ଅସ୍ଥିରତା ସୃଷ୍ଟି ପାଇଁ ବାହ୍ୟଶକ୍ତି ଦାୟୀ । ମୁଁ ବୁଝିପାରୁ ନ ଥିଲି ଏ ବାହ୍ୟଶକ୍ତି ପୁଣି କିଏ ! ଯେତିକି ପଡ଼ୋଶୀ ଶକ୍ତି ଅଛନ୍ତି ସେମାନେ ତ ନିଜ ସମସ୍ୟାକୁ ସମ୍ଭାଳି ପାରୁନାହାନ୍ତି , ପୁଣି ଆମ ଦେଶ କଥା ଭାବିବାକୁ ସମୟ ପାଉଛନ୍ତି କେମିତି ? ଏବେ ବୁଝୁଛି ବାହ୍ୟଶକ୍ତିମାନେ ହେଲେ ବିଦେଶରୁ ଆସିଥିବା ପରିବା । ଇତିହାସ ସାକ୍ଷୀ ଅଛି ଆମ ଦେଶରେ ଆଳୁ, ପିଆଜକୁ ନେଇ ଯେତିକି ରାଜନୀତି କାଦୁଅ ଫିଙ୍ଗା ଚାଲିଛି ତାହା ଅନ୍ୟ କୌଣସି ଦେଶୀ ପରିବାକୁ ନେଇ କେବେ ହୋଇ ନ ଥିବ । ଦେଶରେ ହରତାଳ, ବିକ୍ଷୋଭ, ଅଖ ଚକ ବନ୍ଦ ପ୍ରଭୃତି ଆନ୍ଦୋଳନ ପଛରେ ଏହି ବିଦେଶୀ ପରିବାର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ସବୁ ନାଟର ଗୋବର୍ଦ୍ଧନ ଯେ ଏହାର ଦରଦାମ ବୃଦ୍ଧି ଏଥିରେ କାହାର ଦ୍ୱିମତ ନାହିଁ। କେବେ ଶୁଣିଛନ୍ତି ଖମ୍ଭ ଆଳୁ,କଳରା ଓ ପୋଇ, ଶାଗର ଦାମ୍ ବଢ଼ିବା ନେଇ କୌଣସି ବିରୋଧୀ ଦଳ ରାସ୍ତାରୋକୋ କରିବା ! ନୁହେଁ ନା ? ଏହାହିଁ ଆମ ଦୁର୍ଭାଗ୍ୟ। ଆମେ ବିଦେଶୀ ଜିନିଷର ଯେତିକି ଆଦରକରୁ ତା'ର କାଣିଚାଏ ବି ଦେଶୀ ଜିନିଷ ପ୍ରତି ଦେଖାଉନା । ଖାଲି ଅସ୍ମିତା ଅସ୍ମିତା ଚିଲେଇଲେ କ'ଣ ହେବ ! ଏଇ ସାଧାରଣ କଥାରୁ ତ ସ୍ୱଦେଶୀ ଜିନିଷ ପ୍ରତି ଆମ ଅସଲ ଆନ୍ତରିକତା ଜଣାପଡ଼ିଯାଉଛି । ବିଦେଶୀ ପରିବା ଆସ୍ତେ ଆସ୍ତେ ସ୍ଲୋ ପଏଜନ ଭଳି ଆମ ଦେଶର ଜନସାଧାରଣଙ୍କ ମାନସିକ ଓ ଆର୍ଥିକ ସ୍ଥିତିକୁ ଦୁର୍ବଳ କରିଚାଲିଥିବା ବେଳେ ବିରୋଧୀ ଦଳ ଏଥିପ୍ରତି ସ୍ୱର ଉତ୍ତୋଳନ ନ କରିବା ଦେଶୀ ପରିବା ପ୍ରତି ବୈମାତୃକ ଭାବର ନିଦର୍ଶନ ବୋଲି ଧରିନେବାକୁ ହେବ ।

ଏମିତି ଅନେକ କଥା ଅଛି ଯାହା ଏବେ ବି ମୋ ଅନିସନ୍ଧିସ୍ନୁ ମୁଣ୍ଡକୁ ବ୍ୟସ୍ତ ରଖେ। ଏଇ ଯେମିତି ଆଳୁ ପିଆଜର ପ୍ରକାର ଭେଦକୁ ନେଇ । କଥା ହେଲା କିଏ ସେହି ସରକାରୀ ଅଥବା ବେସରକାରୀ ସଂସ୍ଥା ଯିଏ ଏହି ବିଦେଶୀ ପରିବା ଆମ ଦେଶରେ ପ୍ରବେଶ କଲା ବେଳେ ସର୍ବପ୍ରଥମେ ପରୀକ୍ଷାକରି କହିଲେ ଆଳୁ ନିରାମିଷ, ପିଆଜ ଆମିଷ । ବେଦ , ଉପନିଷଦ କିମ୍ବା ଚରକ ମୁନିଙ୍କ ସଂହିତା ଶାସ୍ତ୍ର ଲେଖାହେଲା ବେଳେ ତ ଏହିସବୁ ପରିବା ଆମ ଦେବଭୂମିରେ ପ୍ରବେଶ କରି ନ ଥିଲେ । ତେବେ ଆମେ କେମିତି ଜାଣିଲୁ ଏହା ଆମିଷ ନିରାମିଷ ବୋଲି। ଥରେ ଜଣେ ଧର୍ମ ପ୍ରବଚକ କହିଲେ, ପିଆଜ ଖାଇଲେ ଦେହରେ ଉତ୍ତେଜନା ବୃଦ୍ଧିପାଏ । ତେଣୁ ତାକୁ ଆମିଷ ପର୍ଯ୍ୟାୟଭୁକ୍ତ



କରାଯାଇଛି। ମହାରାଜ, ଥରେ ଆଳୁ କିଣିବାକୁ ପରିବା ମାର୍କେଟ ଯାଆନ୍ତୁ, ଆଳୁର ଦାମ୍ ଶୁଣିଲେ ଆପଣଙ୍କ ଦେହ ଆପେ ଉତ୍ତେଜିତ ହୋଇଯିବ। ମନ ବିଦ୍ରୋହ କରିବ। ଖାଇବା କଥା ଛାଡ଼ହୋ ଯାହାର ମୂଲ୍ୟ କେବଳ ଶ୍ରବଣ ମାତ୍ରେ ହିଁ ଦେହରେ ଚାରିଶହ ଚାଳିଶ ଭୋଲ୍ଟ ଦୌଡ଼ିଯାଉଛି ତାକୁ ନିରାମିଷ ପର୍ଯ୍ୟାୟରେ ରଖିବା ନିଶ୍ଚିତ ଭାବେ ପିଆଜ ରସୁଣ ପ୍ରତି ଅନ୍ୟାୟ ।

ଆଳୁ ପିଆଜ ଦୁଇ ଭଉଣୀ। ଜଣେ ଉଠିଲେ ଆର ଜଣଙ୍କୁ ହାତ ଠାରି ଡାକେ। ମୁଁ ତ ଉପରକୁ ଉଠିଲିଣି ତୁ କାହିଁକି ତଳେ ବସିଛୁ ଆ, ଉପରକୁ ଆସେ। ଏମାନଙ୍କ ପ୍ରଭାବ ଆମ ବ୍ୟକ୍ତିଗତ ଅର୍ଥନୀତିକୁ ଏମିତି ପ୍ରଭାବିତ କରୁଛନ୍ତି ଯେ ଏମାନଙ୍କୁ ସାଧାରଣ ପରିବା କହିବାକୁ ଲାଜ ଲାଗିଲାଣି। ଆଳୁଜୀ ପିଆଜଜୀ ଏବେ ରଙ୍ଗିନ ଜରିରେ ଗୁଡ଼ାଇହୋଇ ଦୋକାନ ଥାକରେ ରଖାହେବା ପ୍ରୟାସରେ ଅଛନ୍ତି । ଯାକୁ ଦେଖି ଆମ ଦେଶୀ ପରିବା ବିଦ୍ରୋହ କରିବା ଆରମ୍ଭ କଲେଣି। ଏମାନଙ୍କ କହିବା କଥା ପ୍ରଥମରେ ବିଦେଶୀ ପରିବା ଆମ ଦେଶର ଶାନ୍ତି ଭଙ୍ଗ କରୁଛନ୍ତି । ଦ୍ୱିତୀୟରେ ଚରକ ମହାତ୍ମାଙ୍କ ଦେଶରେ ଲୋକଙ୍କୁ ଏମାନେ ଯାବତୀୟ ରୋଗ ବାଣ୍ଟୁଛନ୍ତି ଓ ତୃତୀୟରେ ଏମାନଙ୍କ ସ୍ୱଭାବ ଆମେରିକାର ବିଦେଶ ନୀତି ଭଳି କେତେବେଳେ କେଉଁ ପାଖକୁ ଢଳିବେ କହିବା ମୁସ୍କିଲ। କେତେବେଳେ ଅଧିକ ଅମଳ ଯୋଗୁ ଚାଷୀ ରାସ୍ତାରେ ଢାଳିଲେଣି ତ କେତେବେଳେ କମ୍ ଅମଳ ଯୋଗୁ ବିରୋଧୀ ରାସ୍ତାରେ ହରତାଳ କଲେଣି। ଆମ ଅସ୍ମିତାକୁ ବଞ୍ଚାଇବା ପାଇଁ ହେଲେ ପ୍ରଥମେ ବିଦେଶୀ ପରିବାକୁ ହଟାଯାଉ। ବିଦେଶୀ ହଟାଅ ଦେଶ ବଞ୍ଚାଅ। ସହରରେ ଯେତେ ପାର୍କ ଅଛି ସେଠି ଲାଗିଥିବା ବିଦେଶୀ ଫୁଲ ଗଛ ଜାଗାରେ ସରକାରୀ ଉଦ୍ୟମରେ ପୁଷ୍ଟିକର କଲରା, ସଜନା ଛୁଇଁ,ଭେଣ୍ଡି, କଣ୍ଟେଇ ବାଇଗଣ ଭଳି ସ୍ୱଦେଶୀ ପରିବା ଗଛ ଲଗାଯାଉ । ଆମ ଜଗାର କିନ୍ତୁ କଥା ନିଆରା। ତା' ମୁହଁରେ ସବୁବେଳେ ମୁରୁକୁନ୍ଦିଆ ଅର୍ଦ୍ଧଚନ୍ଦ୍ର ହସର କାରଣ ହେଲା ସେ ବିଦେଶୀ ଜିନିଷ ଉପରେ ଭରସା ନ କରି ଦେଶୀ ଜିନିଷରେ କାମ ଚଳେଇନିଏ। ବାଆ ହେଲେ ବାୟା ଚଢ଼େଇର କି ଯାଏ। ଆଳୁ ଦାମ୍ ବଢ଼ିଲେ ଜଗାର କିଛି ଯାଏ ଆସେ ନାହିଁ। ନା ରସୁଣ ଛୁଙ୍କରେ ତା'ର ମନ ଅଛି ନା ଆଳୁପୋଡ଼ାରେ ଲୋଭ। ସେଇଥିପାଇଁ ତ ଲୋକେ କୁହନ୍ତି– ଜଗାର ପ୍ରିୟ ଦେଶୀ ପରିବା, ଦେହକୁ ହିତ, ପାଟି ସୁଆଦିଆ ଭାରି ବଢ଼ିଆ।

ସବୁଠୁ ବିଚିତ୍ର ତନ୍ତ୍ର ହେଲା ଲୋକତନ୍ତ୍ର, ହେଲେ ସାମ୍ପ୍ରତିକ ପରିସ୍ଥିତିରେ ଲୋକତନ୍ତ୍ରଠାରୁ ଆହୁରି ବିଚିତ୍ର ହେଲା ଆଳୁତନ୍ତ୍ର । ଏ ତନ୍ତ୍ରର ରହସ୍ୟ ବଡ଼ ଗହନ । ପଣ୍ଡିଚେରୀରେ ବାତ୍ୟା ହେଲା ପଶ୍ଚିମବଙ୍ଗରେ ଆଳୁ ଦାମ ବଢ଼ିଲା । ଆସାମରେ ବନ୍ୟା ହେଲା ନାସିକରେ ପିଆଜ ଶଢ଼ିଗଲା । ଏପଟେ ଆଳୁତନ୍ତ୍ରରେ ଟିକିଏ ବି ଗଡ଼ବଡ଼ ହେଲେ ସେପଟେ ଲୋକତନ୍ତ୍ରରେ ହଲଚଲ ସୃଷ୍ଟିହୁଏ। ଲୋକତନ୍ତ୍ରର ବଡ଼ ବଡ଼ ତାନ୍ତ୍ରିକମାନେ ଚଳଚଞ୍ଚଳ ହୋଇଯାଆନ୍ତି । କାରଣ ସାଧାରଣ ଲୋକଙ୍କ ମୁଖ୍ୟ ପରିବା ଅସାଧାରଣ ଭାବେ ଲୋକତନ୍ତ୍ରର ପ୍ରମୁଖ ସମସ୍ୟା ଭାବେ ଉଭାହୁଏ। ଯେମିତି ଏଠାରେ ପରିସ୍ରା କରିବା ମନା ଲେଖା ଦେଖିଲେ ଅଧିକାଂଶ ଲୋକଙ୍କୁ ପରିସ୍ରା ମାଡ଼େ, ଠିକ୍ ସେମିତି ଆଳୁର ଦାମ୍ ବଢ଼ିଲେ ଘରେ ଘରେ ଆଳୁର ଚାହିଦା ବୃଦ୍ଧିପାଏ । ଆଳୁ ନ ଖାଉଥିବା ଲୋକ ବି ଆଳୁରୁ ପ୍ରସ୍ତୁତ ବିଭିନ୍ନ ବ୍ୟଞ୍ଜନ ଖାଇବାକୁ ଇଚ୍ଛାକରେ । ସେତିକି ବେଳେ ଆଳୁ ତା' ପାଇଁ ଅପରିହାର୍ଯ୍ୟ ହୋଇପଡ଼େ। ବିଗତ କିଛି ବର୍ଷ ହେଲାଣି ଆଳୁ ପିଆଜ ବିଲାତି ବାଇଗଣ ଏହି ତିନୋଟି ବିଦେଶୀ ପରିବା ଆମ ଦେଶର ଲୋକତନ୍ତ୍ର ପାଇଁ ମହତ୍ତ୍ୱପୂର୍ଣ୍ଣ ସମସ୍ୟା ହେଲାଣି । ଅତୀତରେ ବିଲାତି ବାଇଗଣ ସେଞ୍ଚୁରି ମାରି ରେକର୍ଡ କରିସାରିଛି । ପିଆଜ ସେଞ୍ଚୁରି କରୁ କରୁ ରନ୍ ଆଉଟ୍ ହୋଇଗଲା। ଆଳୁ ଯଦିଓ ସେଞ୍ଚୁରି କରିନି ହେଲେ ଅର୍ଦ୍ଧଶତକ ପାର କରିସାରିଲାଣି । ଯେବେଠୁ ନେତାଙ୍କ ଉପରେ ଅଣ୍ଡାମାଡ଼ ବୃଦ୍ଧିପାଇଲା ନେତାଙ୍କ ଚେତା ପଶିଲା। ବହୁ ଚେଷ୍ଟା ପରେ ବିଲାତି ବାଇଗଣର ଦାମକୁ ନିୟନ୍ତ୍ରଣରେ ଆଣି ତାକୁ ଅଣ୍ଡାଠାରୁ ଶସ୍ତା କରିଦେଲେ। ଏଇଟା ବି ଭଲ ବିକଳ୍ପ। ଅନ୍ତତଃ ଅଣ୍ଡାର ଉତ୍କଟ ଦୁର୍ଗନ୍ଧ ବିଲାତି ବାଇଗଣରେ ନାହିଁ। ବିକ୍ଷୋଭକାରୀଙ୍କୁ ଦୃଷ୍ଟିରେ ରଖି ସରକାର ବିଲାତି ବାଇଗଣ ଦାମ୍ ଶସ୍ତା ରଖିଛନ୍ତି। ଆଳୁ ପିଆଜଙ୍କ ଭାଗ୍ୟକୁ ଦେଖ, ଦେଶର ଯେଉଁ ବଡ଼ ବଡ଼ ନେତାଙ୍କ ଗଳାରେ ଦିନେ ଗୋଲାପ ହାର ଶୋଭା ପାଉଥିଲା ଆଜି ଦାମ୍ ବଢ଼ିଲା ପରେ ନେତାଙ୍କ ବେକର ମାଳ ଭାବେ ଆଳୁ ପିଆଜ ଶୋଭାପାଇଲେଣି। ଆମ ଦେଶୀ ଲୋକଙ୍କ ଭଳି ଦେଶୀ ପରିବା ଭାଗ୍ୟରେ ତ କେବଳ ସିଝିବାରେ ନଚେତ୍ ପୋଡ଼ାହେବାର ଅଛି। ସେଦିନ କ'ଣ ଏ ନୟନ ଦେଖିବ ଆମ ସ୍ୱଦେଶୀ ପ୍ରେମୀ ନେତା ଦେଶୀ ଖମ୍ଭଆଳୁକୁ ବେକରେ ହାର କରି ପିନ୍ଧିବେ !!


*–ବନମାଳୀ ଭବନ, ଖାନ୍ ନଗର, କଟକ*
*ମୋ: ୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ଗଜପତିର ପର୍ଯ୍ୟଟନ ବିଭବ

**ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା**
**ପ୍ରକାଶକ– ସର୍ଜନା, ପାଣିଗ୍ରାହୀ ସାହି**
**ଗୋସାଇଁନୂଆଗାଁ, ବ୍ରହ୍ମପୁର– ୦୩, ମୂଲ୍ୟ–୧୦୦ଟଙ୍କା**


ଗଜପତିର ପର୍ଯ୍ୟଟନ ବିଭବ ପୁସ୍ତକରେ ୪୦ଟି ପର୍ଯ୍ୟଟନ ସ୍ଥଳୀ ଉପରେ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା ଆଲୋକପାତ କରିଛନ୍ତି। ମହେନ୍ଦ୍ରଗିରିଠାରୁ ଆରମ୍ଭ ହୋଇ ତପ୍ତପାଣି ପର୍ଯ୍ୟନ୍ତ ଆଲୋଚନା ପରିବ୍ୟାପ୍ତ। ପୁସ୍ତକରେ କେତେକ ପ୍ରାଚୀନ କୀର୍ତ୍ତିରାଜିର ବିଲୁପ୍ତ ସ୍ଥାନ ଓ ପାରଳା ରାଜପରିବାରଙ୍କ ଉଦ୍ୟମରେ ସେତେବେଳେ ସ୍ଥାପିତ ଓଡ଼ିଶାର ପ୍ରଥମ ସଂକୀର୍ଣ୍ଣ ରେଳପଥ ବିଷୟରେ ଉଲ୍ଲେଖ କରାଯାଇଛି। ଏହା ବ୍ୟତୀତ ଜଙ୍ଗଲ, ଜଳପ୍ରପାତ ଓ ଶାବର ସଂସ୍କୃତିକୁ ନେଇ ଗଜପତି ଜିଲା ପର୍ଯ୍ୟଟକ ଆକର୍ଷଣ ପାଇଁ ଏକ ପ୍ରକୃତ କ୍ଷେତ୍ର। ଲେଖକ ଜେନା ସମସ୍ତ ପର୍ଯ୍ୟଟନସ୍ଥଳୀ ବିଷୟରେ ଆଲୋଚନା କରି ପୁସ୍ତକଟିକୁ ପାଠକାଦୃତ କରିଛନ୍ତି। ସରଳ ଓ ବୋଧଗମ୍ୟ ଭାଷାରେ ଲିଖିତ ଏହି କ୍ଷୁଦ୍ର ପୁସ୍ତିକାରେ ବହୁ ଉପାଦେୟ ତଥ୍ୟ ରହିଛି। ଏହା ପର୍ଯ୍ୟଟକଙ୍କ ସାଥୀଭାବେ କାର୍ଯ୍ୟ କରିବ ଏଥିରେ ସନ୍ଦେହ ନାହିଁ।




### ମହାବୀର କର୍ଣ୍ଣ

**ସାରଙ୍ଗଧର ଭୂୟାଁ**
**ପ୍ରକାଶକ– ପ୍ରଫେସର ରବୀନ୍ଦ୍ର କୁମାର ନାୟକ**
**ଓୟୁଏଟି ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ମୂଲ–୨୦୦ଟଙ୍କା**


ମହାବୀର କର୍ଣ୍ଣ ଏକ ପୌରାଣିକ ଉପନ୍ୟାସ। ମହାଭାରତରେ କର୍ଣ୍ଣଙ୍କ ଚରିତ୍ର ଏକ ସ୍ୱାତନ୍ତ୍ର୍ୟ ବହନ କରିଥାଏ। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ଅବହେଳିତ, ଅପମାନିତ ହୋଇ ମଧ ନିଜ ଅଙ୍ଗୀକାର ପଥରୁ ବିଚ୍ୟୁତ ହୋଇ ନାହାନ୍ତି। ଉପନ୍ୟାସରେ ଏକ ଦାର୍ଶନୀକ ଦୃଷ୍ଟିଭଙ୍ଗୀ ନେଇ କର୍ଣ୍ଣଙ୍କର ଚରିତ୍ର ତର୍ଜମା ପୂର୍ବକ ତାଙ୍କର ମହାନତାକୁ ବର୍ଣ୍ଣନା କରିଛନ୍ତି । କୁରୁ ରାଜସଭାକୁ ପାଣ୍ଡବଙ୍କ ଦୂତ ଭାବରେ ଶାନ୍ତି ସ୍ଥାପନା ନେଇ ଯାଇଥିବା ଭଗବାନ ଶ୍ରୀକୃଷ୍ଣ ଦୁର୍ଯ୍ୟୋଧନଙ୍କ ଦ୍ୱାରା ଅପମାନିତ ହେବା ଓ ତାଙ୍କୁ ଦୁର୍ଯ୍ୟୋଧନ ବନ୍ଦୀ କରିବାକୁ କରିଥିବା ଅପଚେଷ୍ଟାକୁ ସେ ନାପସନ୍ଦ କରିଥିଲେ। କର୍ଣ୍ଣ ବ୍ୟକ୍ତିଗତ ଭାବରେ ଜଣେ ଆଦର୍ଶ ଜୀବନର ପରିଚାୟକ। ଉପନ୍ୟାସରେ କର୍ଣ୍ଣଙ୍କ ଆଦର୍ଶ ବ୍ୟକ୍ତିସତ୍ତାର ବାସ୍ତବ ବର୍ଣ୍ଣନା ଚମତ୍କାର ; ଯାହା ପାଠକଙ୍କୁ ନିଶ୍ଚୟ ପସନ୍ଦ ଆସିବ।




### ବିଶ୍ୱଜୀବନ ଶାନ୍ତିନିକେତନ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
**ପ୍ରକାଶକ–ବ୍ଲାକ ଇଗଲ ବୁକ୍ସ, ଭୁବନେଶ୍ୱର**
**ମୂଲ୍ୟ–୩୨୦ଟଙ୍କା**

ପୁସ୍ତକରେ ପ୍ରଫେସର ମଣୀନ୍ଦ୍ର ମେହେର ଶାନ୍ତି ନିକେତନ ଭ୍ରମଣରେ ଯାଇ ସେଠାରେ ଯେଉଁ ଅନୁଭୂତି ଓ ଅନୁଭବ ସାଉଁଟିଲେ ତାକୁ ସେ ଏହି ପୁସ୍ତକରେ ବର୍ଣ୍ଣନା କରିଛନ୍ତି । ଲେଖକ ଶାନ୍ତି ନିକେତନର ଛାତ୍ର ନୁହନ୍ତି, କିନ୍ତୁ ସେ ବିଭିନ୍ନ ସମୟରେ ସେଠାକୁ ଯାଇ ଅନେକ ସ୍ମୃତିକୁ ସାଇତି ସେଥିରେ ସେ ସୁନ୍ଦର ପୁସ୍ତକ ରଚନା କରି ପାଠକଙ୍କୁ ଶାନ୍ତି ନିକେତନ ବିଷୟରେ ଅନେକ ସୂଚନା ଦେଇଛନ୍ତି। ପୁସ୍ତକରେ ଲେଖକ ଶାନ୍ତି ନିକେତନରେ ପଶ୍ଚିମ ଓଡିଶା ପଲ୍ଲୀ ବିଷୟରେ ଜଣେ ପ୍ରଫେସର ଆର୍ତ୍ତତ୍ରାଣ ନାଏକଙ୍କ କଥା ବର୍ଣ୍ଣନା କରିଛନ୍ତି। ଲେଖିଛନ୍ତି, କିଭଳି ନାଏକ ସରଳ ଏବଂ ନିରାଡମ୍ବର ଜୀବନଯାପନ କରୁଛନ୍ତି। ତାହା ଜଣେ ପ୍ରଫେସରଙ୍କ ପକ୍ଷେ ବିରଳ। ଏହିଭଳି ଅନେକ ପ୍ରସଙ୍ଗ ପୁସ୍ତକରେ ମେହେର ବର୍ଣ୍ଣନା କରିଛନ୍ତି, ଯାହା ନିଶ୍ଚୟ ପାଠକାଦୃତ ହେବ ।



ବ୍ୟାକ୍ ପେଜ୍

# ଦାନ୍ତକୁ କଳା କରିବାର ପ୍ରଥା

ପୃଥିବୀରେ ଅନେକ ଦେଶ ଅଛି। ଆଉ ସବୁ ଦେଶର ଭିନ୍ନ ଭିନ୍ନ ପ୍ରଥା ପରମ୍ପରା ଥାଏ। ସେମିତି ଏକ ପ୍ରଥା ଜାପାନର ଲୋକେ ମାନୁଥିଲେ। ସେ ହେଉଛି ଦାନ୍ତକୁ କଳା କରିବାର ପ୍ରଥା। କେବଳ ଜାପାନ ନୁହେଁ ଏସିଆର କିଛି ଦେଶ ଯେମିତିକି ଚାଇନା, ଥାଇଲାଣ୍ଡ, ଫିଲିପିନ୍ସ ଓ ଭିଏତନାମ ଆଦିରେ ବି ଦାନ୍ତ କଳା କରାଇବାର ପ୍ରଥା ଥିଲା। ତେବେ ଏହି ପ୍ରଥା ପ୍ରଥମେ ଜାପାନର ହିଆନ ଯୁଗରେ ଆରମ୍ଭ ହୋଇଥିବା




କୁହାଯାଏ। ଉକ୍ତ ପ୍ରଥାକୁ 'ଓହାଗୁରୋ' ବୋଲି କୁହାଯାଉଥିଲା। ଯୌବନ ଆସିବାର ପ୍ରଥମ ପାହାଚରେ ଯୁବତୀ ଯୁବକ ନିଜର ଦାନ୍ତ କଳା କରାଉଥିଲେ। ଦାନ୍ତକୁ କଳା କରାଇବାର ଅର୍ଥ ଥିଲା ସେମାନେ ଯୌବନ ଅବସ୍ଥାରେ ପାଦ ଦେଉଛନ୍ତି। ବିବାହ ବୟସରେ ପହଞ୍ଚିବା ପର୍ଯ୍ୟନ୍ତ, ଏମତିକି ନବବିବାହିତାମାନେ ବି ଦାନ୍ତ କଳା କରାଉଥିଲେ। ସେମାନେ ମେକ୍‌ଅପ୍ କରି ମୁହଁକୁ ବେଶୀ ଧଳା କରାଉଥିଲେ ଯେମିତିକି ଦାନ୍ତ ବେଶି କଳା ଦେଖାଯିବ। ଜାପାନରେ ଦାନ୍ତ କଳା କରିବାକୁ ବୁଝାଶୁଝା ଓ ସୌନ୍ଦର୍ଯ୍ୟର ପ୍ରତୀକ ଭାବେ ଗ୍ରହଣ କରାଯାଉଥିଲା। ସେଥିପାଇଁ ଖାସ୍‌କରି ରାଜ ପରିବାର ଓ ସାମୁରାଏମାନେ ଦାନ୍ତ କଳା କରାଉଥିଲେ। ଏହାବାଦ ବିବାହ ଓ ଅନ୍ତିମ ସଂସ୍କାର ସମୟରେ ବି ଲୋକେ ଦାନ୍ତ କଳା କରାଉଥିଲେ। ହେଲେ ଏବେ ଏହି ପ୍ରଥା ଲୋପ ପାଇବାକୁ ବସିଛି। ହେଲେ ଜାପାନର ଗିସା ଜିଲାରେ ବେଳେବେଳେ କିଛି ମହିଳା ଦାନ୍ତ କଳା କରାଉଛନ୍ତି। ଦାନ୍ତକୁ କଳା କରାଇବାର ଏହି ପ୍ରଥା ଦାନ୍ତ ପାଇଁ ସ୍ୱାସ୍ଥ୍ୟକର ବି ଥିଲା। ଦାନ୍ତ ପୋକ ଖାଉ ନ ଥିଲା କି ମାଢି ନଷ୍ଟ ହେଉଥିଲା। ଦାନ୍ତ କଳା କରିବା ଲାଗି କାନେମିଜୁ ନାମକ ପଦାର୍ଥ ବ୍ୟବହାର କରାଯାଉଥିଲା। ଯାହାକୁ ତିଆରି କରିବାଲାଗି ଲୁହାର ଫିଲିଂକୁ ସିର୍‌କା, ଚା' ଓ ଚାଉଳର ୱାଇନ୍‌ରେ ମିଶାଯାଉଥିଲା। ଅମ୍ଳୀକୃତ ହେବାପରେ ସେହି ତରଳ ପଦାର୍ଥ କଳା ହେଇଯାଉଥିଲା। ଆଉ ତାକୁ ଦାନ୍ତରେ ଲଗାଯାଉଥିଲା।

# ଟ୍ୟାଙ୍କ ଲାଇବ୍ରେରୀ

ଲାଇବ୍ରେରୀ ବା ପାଠାଗାର ହେଉଛି ବହି ପ୍ରେମୀଙ୍କ ପାଇଁ ସ୍ୱର୍ଗ। ଏଇଠି ସେମାନେ ନାନା ପ୍ରକାରର ବହି ପଢି ନିଜର ଜ୍ଞାନର ପରିଧିକୁ ବୃଦ୍ଧି କରିଥାନ୍ତି। ତେବେ ଆଜିକାଲିର ହାଇଟେକ୍ ଯୁଗରେ ଏହାର ଚାହିଦା ଧୀରେ ଧୀରେ କମିବାକୁ ଲାଗିଛି। କାରଣ ଲୋକେ ଆଜିକାଲି ମୋବାଇଲ ଇଣ୍ଟରନେଟ୍ ମାଧ୍ୟମରେ ସଙ୍ଗେ ସଙ୍ଗେ ସବୁ ପ୍ରଶ୍ନର ଉତ୍ତର ପାଇପାରୁଛନ୍ତି। ତେଣୁ ଲାଇବ୍ରେରୀକୁ ଲୋକପ୍ରିୟ କରାଇବା ଲାଗି ଆର୍ଜେଣ୍ଟିନାରେ କରାଯାଇଛି ଏକ ଅଭିନବ ଉପାୟ। ଏଠାରେ ଏକ ଲାଇବ୍ରେରୀକୁ ଟ୍ୟାଙ୍କ ପରି କରାଯାଇଛି, ଯେଉଁଥିରେ କି ଅତିକମ୍‌ରେ ୨୫୦୦ ବହି ରହିପାରେ। ରୌଲ ଲେମ୍ବଅଫ୍ ନାମକ ଜଣେ ବ୍ୟକ୍ତି ଏହି ଲାଇବ୍ରେରୀକୁ ତିଆରି କରିଛନ୍ତି। ଏଭଳି ଆକାରର ଲାଇବ୍ରେରୀ କରିବା ପଛରେ ଆଉ ଏକ ଉଦ୍ଦେଶ୍ୟ ହେଉଛି ହିଂସାକୁ ପ୍ରତ୍ୟାହାର କରି ଶିକ୍ଷାକୁ ଆପଣେଇବାର ବାର୍ତ୍ତା ବାଣ୍ଟିବା। ତା'ସହ ଛୋଟ ଛୋଟ ବସ୍ତି ଅଞ୍ଚଳର ଗରିବ ଲୋକଙ୍କୁ ବହି ପଢିବାର ସୁଯୋଗ ଦେବା।







# ଟ୍ରାନ୍ସପରେଣ୍ଟ ଟଏଲେଟ୍



ବାହାରକୁ ଯାଇଥିବା ସମୟରେ ପବ୍ଲିକ ଟଏଲେଟ୍ ବ୍ୟବହାର କରିବାକୁ ହୁଏ। ତେବେ ବେଳେବେଳେ ଦେଖିବାକୁ ମିଳେ କିଛି ପବ୍ଲିକ ଟଏଲେଟ୍ ଏତେ ଅପରିଷ୍କାର ହୋଇଥାଏ ଯେ, ଭିତରକୁ ପଶିବାକୁ ଇଚ୍ଛା ହୁଏନା। ଯଦି ବି ବାଧ୍ୟ ହୋଇ ଯାଆନ୍ତି ତେବେ ବାନ୍ତି ଲାଗେ। ହେଲେ ଜାପାନର ରାଜଧାନୀ ଟୋକିଓର କିଛି ପାର୍କରେ ଏମିତି କିଛି ଟଏଲେଟ୍ ସ୍ଥାପନ କରାଯାଇଛି, ଯାହାକୁ ବାହାରୁ ଦେଖି ହିଁ ଜାଣି ପାରିବେ ତାହା ସଫା ଅଛି ନା ନାହିଁ ବୋଲି। କାରଣ ଏସବୁ ଶୌଚାଳୟ ସମ୍ପୂର୍ଣ୍ଣ ଟ୍ରାନ୍ସପରେଣ୍ଟ। ଭିତରର ସବୁକିଛି ବାହାରକୁ ଦେଖାଯାଏ। ଏହାକୁ ଶିଗେରୁ ବେନ୍ ନାମକ ଆର୍କିଟେକ୍ଟ ତିଆରି କରିଛନ୍ତି। ସେ ଟଏଲେଟ୍‌ର କାନ୍ଥଗୁଡିକୁ ଏଭଳି କାଚରେ ତିଆରି କରିଛନ୍ତି, ଯାହା ମଧ୍ୟ ଦେଇ ଲୋକେ ବାହାରପଟୁ ଭିତରକୁ ଦେଖିପାରିବେ। ଭାବୁଥିବେ, ଏ ତ ଭାରି ଅସୁବିଧା କଥା। ଟଏଲେଟ୍ ବ୍ୟବହାର କଲାବେଳେ ବାହାରେ ଥିବା ଲୋକେ ତ ସବୁକିଛି ଦେଖିଦେବେ। ହେଲେ ସେମିତି କିଛି ହେବ ନାହିଁ। କାରଣ ଟଏଲେଟ୍ ବ୍ୟବହାର କରିବାବେଳେ କାଚ କାନ୍ଥ ଟ୍ରାନ୍ସପରେଣ୍ଟ ହୋଇ ରହେ ନାହିଁ। ଫଳରେ ଭିତରେ ଥିବା ଲୋକ ବାହାରକୁ ଦେଖାଯାଆନ୍ତି ନାହିଁ। ତେଣୁ ଏହାକୁ ବ୍ୟବହାର କରିବାରେ କେହି ସଙ୍କୋଚ ମନେ କରିବେ ନାହିଁ।